ବର୍ଷ-୨୪, ସଂଖ୍ୟା-୨୬୭
ଭୁବନେଶ୍ୱର
୩୦ ଅକ୍ଟୋବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 267
Bhubaneswar
30 October, 2024 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବିବାହ ବନ୍ଧନରେ ଅଭିନେତ୍ରୀ ସୁରଭିତ ଜ୍ୟୋତି

# ଓଡ଼ିଶାରେ ୩ ସ୍ୱାସ୍ଥ୍ୟ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣା ଠାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଙ୍ଗ ଲାବୋରେଟୋରୀର ଉଦ୍‌ଘାଟନ କରିଥିବା ବେଳେ, ଖୋର୍ଦ୍ଧା ଜିଲ୍ଲା ବିଞ୍ଚଗିରି ଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ସହିତ ବରଗଡରେ ଏକ କ୍ରିଟିକାଲ୍ କେୟାର ସେଣ୍ଟରର ଉଦ୍‌ଘାଟନ ମଧ୍ୟ କରିଛନ୍ତି । ହି ସବୁ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀଠାରେ ଆଭାସୀ ଜରିଆରେ ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ଗୋଠପାଟଣା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଏହି ଡ୍ରଗ ଟେଷ୍ଟିଙ୍ଗ ଲାବୋରେଟୋରୀ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଥିବା ଭଲପାଇବାର ନିଦର୍ଶନ ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ଆମ ରାଜ୍ୟ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରୟୋଗଶାଳାର ସ୍ଥାପନା ଦ୍ୱାରା ଭେଷଜ ପରୀକ୍ଷା ଓ ମାନ ନିୟନ୍ତ୍ରଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହା ପୂର୍ବରୁ ଆମକୁ ଔଷଧର ମାନ ପରୀକ୍ଷଣ ପାଇଁ ରାଜ୍ୟ ବାହାରର କେନ୍ଦ୍ରୀୟ ପ୍ରୟୋଗଶାଳା ଉପରେ ନିର୍ଭର କରିବାକୁ ପଡୁଥିଲା । କିନ୍ତୁ ଏବେ ଆମ ହାତ ପାଆନ୍ତାରେ ଏହି ପ୍ରୟୋଗଶାଳା ହେବା ଦ୍ୱାରା ସମୟ ବଂଚିବା ସହିତ, ତ୍ୱରାନ୍ୱିତ ଭାବେ ଆମେ ଔଷଧର ମାନ ପରୀକ୍ଷଣ କରି ତାର ରିପୋର୍ଟ ପାଇ ପାରିବା ଯାହାକି ଆମର ସାଧାରଣ ଜନତାଙ୍କୁ ଅଧିକ ମାତ୍ରାରେ ଉପକୃତ କରିବ । ଏତଦ୍ୱାରା ଆମ ରାଜ୍ୟରେ ଉନ୍ନତମାନର ଔଷଧର ବିତରଣକୁ ପ୍ରୋତ୍ସାହନ ମିଳିବ । ଏହା ଆମ ପାଇଁ ବହୁତ ଗର୍ବର ବିଷୟ । ଏହି ପ୍ରୟୋଗଶାଳା ଆମ ରାଜ୍ୟରେ ଥିବା ଓଡିଶା ସରକାରଙ୍କର ପ୍ରୟୋଗଶାଳା ଉପରେ ପରୀକ୍ଷଣର ଚାପକୁ ଦୂର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆମ ଓଡିଶା ମାଟିରୁ ସମଗ୍ର ଦେଶକୁ ସେବା ଦେବାପାଇଁ ସୁଯୋଗ ମିଳିଥିବାରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଅନେକ ଧନ୍ୟବାଦ ଦେବା ସହ ସମସ୍ତ ଓଡିଶାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମୋଦୀଜୀ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି । ଆୟୁଷ୍ମାନ ଭାରତ ପୃଥିବୀର ସବୁଠାରୁ ବୃହତ୍ତମ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହା ଦ୍ୱାରା ପ୍ରାୟ ୫୦ କୋଟି ଗରିବ ଲୋକେ ଉପକୃତ ହେଉଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ଆମ ସରକାର ଖୁବ୍ ଶୀଘ୍ର ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ■ପୃଷ୍ଠା-୬

# ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉପହାର

**ନୂଆଦିଲ୍ଲୀ,୨୯।୧୦(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧନତେରାସ ଅବସରରେ ଦେଶର ବରିଷ୍ଠ ନାଗରିକମାନଙ୍କୁ ଉପହାର ଦେଇଛନ୍ତି । ଏହା ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ପାଇଁ ୧୨,୮୫୦ କୋଟି ଟଙ୍କା ମୂଲ୍ୟର ସ୍ୱାସ୍ଥ୍ୟ ସେବା ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ମୋଦୀଙ୍କ ଏହି ଘୋଷଣା ଅନୁଯାୟୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମଜେଏୱାଇ) ରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଯାହାର ପ୍ରତ୍ୟକ୍ଷ ସୁବିଧା ୭୦ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କ ପାଇଁ ଉପଲବ୍ଧ ହେବ । ଆୟୁଷ୍ମାନ ଯୋଜନାର ସମ୍ପ୍ରସାରଣକୁ ନେଇ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ମୋଦୀ କହିଛନ୍ତି ଯେ ପ୍ରତ୍ୟେକ ବୟସ୍କ ବ୍ୟକ୍ତି ଏହାକୁ ଅପେକ୍ଷା କରିଛନ୍ତି ଏବଂ ତୃତୀୟ ଥର ପାଇଁ ନିର୍ବାଚିତ ହେଲେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବୟସ୍କଙ୍କୁ ଆୟୁଷ୍ମାନ ଯୋଜନା ପରିସରଭୁକ୍ତ କରିବାର ■ପୃଷ୍ଠା-୬

# ଅଦିନିଆ ରଥଯାତ୍ରା ନେଇ ଗଜପତି କ୍ଷୁବ୍ଧ

**ଭୁବନେଶ୍ୱର,୨୪।୧୦(ମହାଭାରତ):** ଆମେରିକା ହ୍ୟୁଷ୍ଟନରେ ଇସ୍କନ ପକ୍ଷରୁ ଅଦିନ ସ୍ନାନ ଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯିବ । ଏପରି ଅଦିନ ରଥଯାତ୍ରାକୁ ବିରୋଧ କରି ଇସ୍କନକୁ ଚିଠି ଲେଖିଛନ୍ତି । ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ହ୍ୟୁଷ୍ଟନ ମନ୍ଦିର କର୍ତ୍ତୃପକ୍ଷ ଓ ମାୟାପୁରୀ ମୁଖ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି । ଅଦିନ ରଥଯାତ୍ରା ପ୍ରଚଳିତ ପରମ୍ପରାର ବିରୁଦ୍ଧାଚରଣ କରୁଛି ବୋଲି ସେ ଚିଠିରେ ଲେଖିଛନ୍ତି ।

ଗଜପତି ଚିଠିରେ ଲେଖିଛନ୍ତି, ଶ୍ରୀମନ୍ଦିର ପରମ୍ପରା ମୁତାବକ ରଥଯାତ୍ରା କରିବାକୁ ପୂର୍ବରୁ କୁହାଯାଇଥିଲା । ଏନେଇ ଇସ୍କନ ସହ ଅନେକ ଥର ଆଲୋଚନା ହୋଇଥିଲା । ବିଧି ଓ ପରମ୍ପରା ମୁତାବକ ରଥଯାତ୍ରା ପାଇଁ ରିଜୋଲ୍ୟୁସନ ମଧ୍ୟ ହୋଇଥିଲା । ତେଣୁ ନଭେମ୍ବର ୯ ତାରିଖରେ ଯୋଜନା ■ପୃଷ୍ଠା-୬

# ସଂଧ୍ୟା ୭ ଟାରୁ ଦୁଇ ଘଣ୍ଟା ଫୁଟିବ ବାଣ

**ଭୁବନେଶ୍ୱର,୨୯।୧୦(ମହାଭାରତ):** ସୁରକ୍ଷିତ ଦୀପାବଳି ପାଳନ କରିବା ପାଇଁ ଆଜି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଗାଇଡଲାଇନ୍ ଜାରି କରାଯାଇଛି । ସଂଧ୍ୟା ୭ଟାରୁ ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ୧୨୫ ଡେସିବେଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ମନା କରାଯାଇଛି ।

ଗାଇଡ୍‌ଲାଇନ୍‌ରେ କୁହାଯାଇଛି, ପାର୍କ, ସାଇଲେନ୍ସ ଜୋନରେ ବାଣ ଫୁଟାଇବାକୁ ବାରଣ କରାଯାଇଛି । ସେହିପରି ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଓ କୋର୍ଟଠାରୁ ୧୦୦ ମିଟର ଭିତରେ ବାଣ ଫୁଟାଇବାକୁ ମନା କରାଯାଇଛି । ଖୋଲା ସ୍ଥାନରେ କେବଳ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ବସ୍ତି ସହ ରାସ୍ତା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣ ଫୁଟାକୁ ବାରଣ କରାଯାଇଛି । ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଶବ୍ଦଯୁକ୍ତ ବାଣ ଦେବାକୁ ମନା କରାଯାଇଛି । ବେରିୟମ ଓ କେମିକାଲଯୁକ୍ତ ବାଣ ବିକ୍ରି, ବ୍ୟବହାର ମନା କରାଯାଇଛି । ଦୀପାବଳି ଜୀବନ ପାଇଁ ଖୁସି ଆଣିଥାଏ । କିନ୍ତୁ ସତର୍କ ହୋଇ ପର୍ବ ପାଳନ ନକଲେ ଦୁଃଖ ମଧ୍ୟ ଆସିବାର ଆଶଙ୍କା ରହିଥାଏ । କେବଳ ସେତିକି ନୁହେଁ ତେଣୁ ସତର୍କତାର ସହିତ ଦୀପାବଳି ପାଳନ କରାଗଲେ ନିଜେ ଖୁସି ରହିବା ସହିତ ଆମ ସମାଜରେ ଅନ୍ୟମାନେ ମଧ୍ୟ ଖୁସିରେ ରହିବେ । ଦୀପାବଳିରେ ପ୍ରଦୂଷଣ ହେଉଛି ଅନ୍ୟତମ କାରଣ । ଦିଲ୍ଲୀ, ପଂଜାବ, ହରିୟାଣା ଓ ଉତ୍ତରପ୍ରଦେଶରେ ବିଗତ କିଛି ବର୍ଷ ହେଲା ଦୀପାବଳି ପରବର୍ତ୍ତୀ ଦିନ ବାୟୁର ଗୁଣବତ୍ତା ବହୁତ ନିମ୍ନ ସ୍ତରକୁ ଚାଲିଯାଉଛି ।

# ରୋଜଗାର ମେଳାରେ ନିଯୁକ୍ତିପତ୍ର ବଣ୍ଟନ

**ନୂଆଦିଲ୍ଲୀ,୨୯।୧୦(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନଫରେନ୍ସିଂ ଜରିଆରେ ଦେଶବ୍ୟାପୀ ୪୦ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଭୁବନେଶ୍ୱରସ୍ଥିତ ସିଏସଆଇଆର – ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇ ପ୍ରାୟ ୩୩୦ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବାଂଟିଥିଲେ ।

ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଆୟକର ବିଭାଗ, ଆଇଆଇଟି ଭୁବନେଶ୍ୱର, ସିଆରପିଏଫରେ ଜଣେ ଲେଖାଏଁ, ସିଆଇଏସଏଫରୁ ତିନି ଜଣ, ପୂର୍ବତଟ ରେଳବାଇରେ ୧୩ ଜଣ, ଭାରତୀୟ ଷ୍ଟେଟବ୍ୟାଙ୍କରେ ୨୪ ଜଣ, ଏମ୍ସ ଭୁବନେଶ୍ୱରରୁ ୭୦ ଜଣ, ଡାକ ବିଭାଗରେ ୨୧୭ ଜଣଙ୍କୁ ନିଯୁକ୍ତି ମିଳିଛି । ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ପଦପଦବୀ ପୂରଣ ଏବଂ ଯୁବବର୍ଗଙ୍କୁ ରୋଜଗାର ଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ କ୍ରମାଗତ ଭାବେ ରୋଜଗାର ମେଳା ଆୟୋଜନ କରାଯାଇ ଆସୁଛି ।ସିଏସଆଇଆର-ଆଇଏମଏମଟି ପରିସରରେ ଆୟୋଜିତ ଆଜିର ରୋଜଗାର ମେଳାକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ୍ କହିଛନ୍ତି, ବର୍ତ୍ତମାନର ସରକାର ସାର୍ବଜନୀନ ରୋଜଗାର ମେଳା ଆୟୋଜନ କରି ଯୁବବର୍ଗଙ୍କୁ ବ୍ୟାପକ ସଂଖ୍ୟାରେ ସରକାରୀ ଚାକିରି ଦେଉଛନ୍ତି । ଦେଶର ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଅଭିନବ ପଦକ୍ଷେପକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଦେଶର ଲକ୍ଷ ଲକ୍ଷ ଯୁବପିଢ଼ିଙ୍କୁ ଚାକିରି ସୁଯୋଗ ଦେବା ସହ ସେମାନଙ୍କୁ ରୋଜଗାରକ୍ଷମ ହେବା ଲାଗି ଅନୁପ୍ରାଣିତ କରିବ । ସରକାର କେବଳ ■ପୃଷ୍ଠା-୬

# ବିପର୍ଯ୍ୟୟ ଆସିଲେ ମୁକାବିଲାରେ ସକ୍ଷମ ହେବୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧୦(ମହାଭାରତ):** ପ୍ରାକୃତିକ ବିପର୍ଯ୍ୟୟ ଆଜି ଆମ ସହଚର ପାଲଟିଛି । ଆମ ପାଖରେ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଅତ୍ୟାଧୁନିକ ଉପକରଣ ସବୁ ରହିଛି । ଆଜି ଓଡିଶା ସରକାର ଯେତେ ବିପର୍ଯ୍ୟୟ ଆସିଲେ ମଧ୍ୟ ତାକୁ ମୁକାବିଲା କରିବା ପାଇଁ ସକ୍ଷମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଠାରେ ଆୟୋଜିତ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ୨୦୨୪ ଅବସରରେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ୧୯୯୯ ମହାବାତ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ଯୋଗୁ ଯେଉଁ ସବୁ ମୂଲ୍ୟବାନ ଜୀବନହାନୀ ହୋଇଛି, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ଗତ ସପ୍ତାହରେ ଆମ ରାଜ୍ୟ ବାତ୍ୟା 'ଦାନା'ର ସମ୍ମୁଖୀନ ହୋଇଥିଲା । ଏହି ବାତ୍ୟାରେ ୧୧ଟି ଜିଲ୍ଲାର ୬୦୦୦ରୁ ଅଧିକ ଗାଁ ଓ ସହରାଂଚଳ ପ୍ରଭାବିତ ହୋଇଥିଲା । ସୁଦୃଢ ପ୍ରାକପ୍ରସ୍ତୁତି ଏବଂ ଟିମ୍ ୱାର୍କ ଯୋଗୁ ଆମେ ପ୍ରାୟ ୮ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲୁ । ନିର୍ଭୁଲ ପ୍ରାକ ସତର୍କ ସୂଚନା ଏବଂ ବୈଷୟିକ ଜ୍ଞାନର ବ୍ୟବହାର ଦ୍ୱାରା ବିପର୍ଯ୍ୟୟ ପ୍ରବଣ ସ୍ଥାନମାନଙ୍କରେ ରେସ୍କୋନ୍ସ ଟିମ ନିୟୋଜନକୁ ତ୍ୱରାନ୍ୱିତ କରାଯାଇଥିଲା । ଏନଡିଆରଏଫ, ଓଡ୍ରାଫ, ଫାୟାର, ଫରେଷ୍ଟ ଏବଂ ପୋଲିସର ମୋଟ ୩୮୮ ରେସ୍କୋନ୍ସ ଟିମ ନିୟୋଜିତ ହୋଇଥିଲେ । ଆମର ଲକ୍ଷ୍ୟ ଥିଲା 'ଶୂନ୍ୟ ଜୀବନହାନୀ' । ଏହି ବାତ୍ୟାରେ ଆମେ ଆମର ଲକ୍ଷ୍ୟ ହାସଲ କରିଛୁ । ବିଗତ ୨୫ ବର୍ଷରେ ଓଡିଶା ବହୁ ବାତ୍ୟାର ସମ୍ମୁଖୀନ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ବନ୍ଦ କରିପାରିବା ନାହିଁ । ଆମେ କ୍ଷୟକ୍ଷତିକୁ କମେଇ ପାରିବା ଓ ନିଜକୁ ସୁରକ୍ଷିତ ରଖିପାରିବା ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ ଏସବୁ ପ୍ରାକୃତିକ ବିପର୍ଯ୍ୟୟରୁ ଆମକୁ ବହୁତ ଶିକ୍ଷା ମିଳିଛି । ନୂଆ କାମ କରିବା ପାଇଁ ନୂଆ ଚିନ୍ତାଧାରା ମିଳିଛି । ଆଗକୁ ପ୍ରତି ଗାଁରେ ଗୋଟେ ଲେଖାଏଁ ରେସ୍କୋନ୍ସ ଟିମ ଗଠନ କରାଯିବ । ରାଜ୍ୟରେ ଥିବା ୮୪୪ଟି ବାତ୍ୟା / ବନ୍ୟା ଆଶ୍ରୟସ୍ଥଳୀର ଢାଂଚାକୁ ପରିବର୍ତ୍ତନ କରାଯିବ । ଏହାକୁ ସ୍କୁଲ ତଥା ଆଶ୍ରୟସ୍ଥଳୀରେ ପରିଣତ କରାଯିବ । ରାଜ୍ୟରେ ଗୋଟିଏ ଅତ୍ୟାଧୁନିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ନିର୍ମାଣ ହେବ । ରାଜ୍ୟର ସମୁଦ୍ରତଟବର୍ତ୍ତୀ ୪୮୦ କିଲୋମିଟର ଅଂଚଳରେ ପର୍ଯ୍ୟାପ୍ତ ପରିମାଣର ହେନ୍ତାଳବନ ସୃଷ୍ଟି କରାଯିବ । ରାଜ୍ୟରେ ଥିବା ୨୦ଟି ଓଡ୍ରାଫ କୁ ବୃଦ୍ଧି କରାଯାଇ ୩୦ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓସଡମାର ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ■ପୃଷ୍ଠା-୬

# ଶିମିଳିପାଳକୁ ଆସିବେ ଆଉ ୫ ବାଘୁଣୀ

**ଭୁବନେଶ୍ୱର/ବାରିପଦା୨୯/୧୦ (ମହାଭାରତ) :** ମହାରାଷ୍ଟ୍ରରୁ ଶିମିଳିପାଳ ଆସିବେ ଆଉ ୫ ବାଘୁଣୀ । ଅଳ୍ପ ଦିନ ଭିତରେ ଶିମିଳିପାଳରେ ଆଉ ଗୋଟିଏ ବାଘୁଣୀ ଛଡା ଯିବା ପାଇଁ ବ୍ୟବସ୍ଥା କରାଯାଉଛି । ବାଘ୍ର ସଂରକ୍ଷଣ ଜାତୀୟ ଉଦ୍ୟାନରେ ବାଘ ସଂଖ୍ୟା ବୃଦ୍ଧି ପାଇଁ ଏହି ଯୋଜନା କରାଯାଇଛି । ଏନେଇ ସୂଚନା ଦେଇଛି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସୂଚନା ଦେଇଛନ୍ତି ।

ମହାରାଷ୍ଟ୍ରର ତାଡୋବା ବ୍ୟାଘ୍ର ପ୍ରକଳ୍ପରୁ ଆସିଥିବା ବାଘୁଣୀକୁ ଶିମିଳିପାଳ ଏନକ୍ଲୋଜରରେ ସଫଳତାର ସହ ଛଡାଯାଇଛି । ଦୀପାବଳିର ସପ୍ତାହେ ପରେ ସେହି ପ୍ରକଳ୍ପରୁ ପୁଣି ଆଉ ଏକ ବାଘୁଣୀ ଛଡ଼ାଯିବାକୁ ଯୋଜନା କରାଯାଇଛି । ଯମୁନାର ସ୍ୱାସ୍ଥ୍ୟବସ୍ଥା ଦେଖି ନୂଆ ବାଘୁଣୀ ଆସିବାର ଦିନ ଧାର୍ଯ୍ୟ ହେବ । ତେବେ ଯମୁନାକୁ ଛଡାଯିବା ପରେ ସେ ସମ୍ପୂର୍ଣ୍ଣ ଭାବରେ ■ପୃଷ୍ଠା-୬

# ସ୍ୱର୍ଗଦ୍ୱାରରେ ଗୋବର ଘଷିରେ ହେବ ଶବ ଦାହ

**ଭୁବନେଶ୍ୱର, ୨୯।୧୦(ମହାଭାରତ):** ସ୍ୱର୍ଗଦ୍ୱାରରେ ଏଣିକି କାଠ ବଦଳରେ ଗୋବର ଘସିରେ ହେବ ଶବ ଦାହ । ଏନେଇ ଯୋଜନା ପ୍ରସ୍ତୁତି କରୁଛି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ । ପ୍ରାରମ୍ଭିକ ଆଲୋଚନା ଆରମ୍ଭ ହୋଇଛି । ଏହି ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ କହିଛନ୍ତି, ହିନ୍ଦୁ ଶାସ୍ତ୍ର ଅନୁଯାଇ ଗୋବରକୁ ଶବ ଦାହରେ ବ୍ୟବହାର କରାଯିବ । ଏନେଇ ସ୍ୱର୍ଗଦ୍ୱାର କମିଟି ସହ ଆଲୋଚନା କରାଯିବ । ବିଭିନ୍ନ ସାମାଜିକ ଅନୁଷ୍ଠାନ, ଗୋଶାଳା କରିଥିବା ବ୍ୟକ୍ତି ସହ ଆଲୋଚନା କରାଯିବ । ପରେ ଏନେଇ ଖୁବ ଶୀଘ୍ର ବିଚାର ■ପୃଷ୍ଠା-୬

# ବାର୍‌ଗୁଡ଼ିକ ପାଇଁ କଠୋର ହେଲା ନିୟମ

**ଭୁବନେଶ୍ୱର,୨୯।୧୦(ମହାଭାରତ):** କିଛିଦିନର ବ୍ୟବଧାନ ପରେ ରାଜ୍ୟ ସରକାର ପୁଣିଥରେ ମଦବାର୍‌ଗୁଡ଼ିକ ପାଇଁ କଠୋର ହୋଇଛନ୍ତି । ଏଣିକି ବାରଗୁଡ଼ିକରେ କେବଳ ଅର୍କେଷ୍ଟ୍ରା ରହିବ, ଆଉ ଡ୍ୟାନ୍ସ କାର୍ଯ୍ୟକ୍ରମ ହେବନି । ଏଥିପାଇଁ ଅବକାରୀ ନିୟମାବଳୀ-୨୦୧୭ରେ ସଂଶୋଧନ ମଧ୍ୟ କରିଛନ୍ତି । ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବା ସହ କେବଳ କଟକ-ଭୁବନେଶ୍ୱର କମିଶନରେଟ ପୁଲିସ ଅଂଚଳ ମଧ୍ୟରେ ଲାଇସେନ୍ସପ୍ରାପ୍ତ ଅନ୍ ସପ୍ ଓ ବାରଗୁଡ଼ିକରେ ମ୍ୟୁଜିକାଲ ପ୍ରୋଗ୍ରାମ ଓ ଅର୍କେଷ୍ଟ୍ରା କରିବାର ପ୍ରାବଧାନକୁ ମଧ୍ୟ ହଟାଇ ଦେଇଛନ୍ତି ।

ଆଜି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଓଡ଼ିଶା ଅବକାରୀ(ସଂଶୋଧନ) ରୁଲସ-୨୦୨୪ ବିଜ୍ଞପ୍ତି ଜାରି ହୋଇଛି । ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୦ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ରୁଲସ୍ -୨୦୧୭ରେ କେତେକ ସଂଶୋଧନ କ

# ଖଟା ହୋଇଥିବା କ୍ଷୀରକୁ ଫିଙ୍ଗି ଦେଉଛନ୍ତି କି ?

କ୍ଷୀର ଖଟା ହୋଇଗଲେ ଜମାର ମନକୁ ଖଟା କରନ୍ତୁ ନାହିଁ କି ଏହାକୁ ଅଦରକାରୀ ଭାବି ଫୋପାଡି ଦିଅନ୍ତୁ ନାହିଁ । କାରଣ ଏହାକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇପାରିବ ।

■ ଆମେ ସମସ୍ତେ ଜାଣିଛନ୍ତି ଯେ କ୍ଷୀରରେ ଅନ୍ୟାନ ଭିଟାମିନ୍ ସହିତ କ୍ୟାଲସିୟମ୍ ମଧ୍ୟ ଥାଏ । କଞ୍ଚା ହେଉ ଅବା ଫୁଟା କ୍ଷୀର ଯଦି ନଷ୍ଟ ହୋଇଯାଇଛି, ତା'ହେଲେ ଏଥିରେ ପାଣି ମିଶାଇ ଆପଣର ବଗିଚାରେ କୁଣ୍ଡରେ ରଖିଥିବା ଗଛ ମୂଳରେ ଢାଳି ଦିଅନ୍ତୁ । ଏହା ଗଛର ବୃଦ୍ଧିରେ ସହାୟକ ହେବ ।

■ କ୍ଷୀର ଯଦି ଖୁବ୍ ଅଳ୍ପ ଖଟା ହୋଇଛି, ତା'ହେଲେ ଏହାକୁ ଆପଣ କଡେଇରେ ଫୁଟାଇ ଛେନା ତିଆରି କରିପାରିବେ । ଯଦି ମିଠା ଛେନା ଖାଇବାକୁ ପସନ୍ଦ କରନ୍ତି, ତା'ହେଲେ ଏଥିରେ ଅଳ୍ପ ଚିନି ବି ପକାଇ ପାରିବେ ।

■ କ୍ଷୀର ପକାଯାଏ । ତେଣୁ କ୍ଷୀର ଖଟା ହୋଇଯାଇଥିଲେ ଏହାକୁ ବ୍ୟବହାର କରି ଆପଣଣ କେକ୍ ତିଆରି କରିପାରିବେ ।

■ କ୍ଷୀର ଅଧିକ ଖରାପ ହୋଇନଥିଲେ ଆପଣ ଏହାକୁ ବାହାରେ ବୁଲୁଥିବା କୁକୁର ଓ ବିଲେଇ ଆଦିକୁ ବିସ୍କୁଟ ମିଶାଇ ଖାଇବାକୁ ଦେଇପାରିବେ ।

■ ଖଟା କ୍ଷୀରରେ ଫେସିଆଲ ମାସ୍କ ତିଆରି କରାଯାଏ । ଏହା ତ୍ୱଚା ପାଇଁ ଭଲ ହୋଇଥାଏ । ତେଣୁ ଆପଣ ଖଟା କ୍ଷୀରକୁ ଏଭଳି ଭାବେ ମଧ୍ୟ ବ୍ୟବହାର କରିପାରିବେ । ଏହା ଖୁବ ସହଜ ମଧ୍ୟ । ଖଟା କ୍ଷୀରକୁ ମୁହଁରେ ଲଗାନ୍ତୁ ଓ ମୁହଁକୁ ଉପରକୁ କରି ବସନ୍ତୁ । କିଛି ସମୟ ଏମିତି ବସି ରୁହନ୍ତୁ । ଏଥିରେ ଥିବା ଲ୍ୟାକଟିକ୍ ଏସିଡ୍ ତ୍ୱଚାକୁ ସୁସ୍ଥ ରଖିବ ।

# ଆଲୋଭେରାର ଘରୋଇ ଉପଚାର

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ । ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ ।

ଆସନ୍ତୁ ଜାଣିବା ଘରେ ଘିକୁଆରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ ।

୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ । ସନବର୍ଣ୍ଣ, ମଶ୍ଚୁରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ । ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ ।

୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ । ଏହା ପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ । ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ ।

୬. ମେକଅପ ଛଡ଼ାଇବା ପାଇଁ କଟନରେ ଅଳ୍ପ ଆଲୋ ଭେରା ଜେଲ ନେଇ ମେକଅପକୁ ସଫା କରନ୍ତୁ । ଏପରି କଲେ ଜଲଦି ମେକଅପ ସଫା ହେବା ସହ ଆପଣଙ୍କ ତ୍ୱଚା କୋମଳ ରହିବ ।

# ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ରେଶମ ଆସନର ପ୍ରୟୋଗ କରିବା ଶୁଭ

ଶାସ୍ତ୍ର ଅନୁଯାୟୀ ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ଆସନର ପ୍ରୟୋଗ କରିବା ଉଚିତ । ଆସନ ବିନା ଭୂମିରେ ପୂଜାପାଠ କରିବା ଦ୍ୱାରା ଦୁଃଖ ପ୍ରାପ୍ତି ହୋଇଥାଏ । ଧାର୍ମିକ କାର୍ଯ୍ୟ ପୂଜାପାଠ, ଯଜ୍ଞ, ପ୍ରାର୍ଥନା ଆଦି କରିବା ସମୟରେ ଆସନର ପ୍ରୟୋଗ କରାଯାଇଥାଏ । ପୂଜାପାଠ ମନ୍ଦିରରେ ହେଉ ଅଥବା ଗୃହରେ ବସିବା ଅବସ୍ଥାରେ ପୂଜା କରିବା ସମୟରେ ଆମକୁ ଆସନର ବ୍ୟବହାର କରିବାକୁ ପଡ଼େ । ଶାସ୍ତ୍ରରେ ଏପରି କରିବାର କାରଣ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଛି । ପ୍ରତିଦିନ ପୂଜା କରିବା ସମୟରେ କିଭଳି ଆସନ ବ୍ୟବହାର କରିବା ଉଚିତ, ତାହା ମଧ୍ୟ ଜାଣିବା ଆବଶ୍ୟକ । ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ରେଶମ ଓ ତାଳପତ୍ରରେ ପ୍ରସ୍ତୁତ ଆସନର ପ୍ରୟୋଗ କରିବା ଖୁବ ଶୁଭ ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ, ଜୀବନରେ ସୁଖଶାନ୍ତି ପ୍ରାପ୍ତି ହେବା ସହ ବାଧାବିଘ୍ନ ଦୂର ହୋଇଥାଏ । ସେଭଳି ବାଉଁଶରେ ନିର୍ମିତ ଆସନରେ ବସି ପୂଜାପାଠ କିମ୍ବା ମନ୍ତ୍ର ଜପ କରିବା ଉଚିତ ନୁହେଁ । ଏପରି କରିବା ଦ୍ୱାରା ଦରିଦ୍ରତା ଆସିଥାଏ ।

ପଥର କିମ୍ବା ଇଟାରେ ବସି ପୂଜାର୍ଚ୍ଚନା ଓ ମନ୍ତ୍ର ଜପ କରିବା ଦ୍ୱାରା ରୋଗ ଲାଗି ରହିଥାଏ । କାଠରେ ନିର୍ମିତ ଆସନ ପ୍ରୟୋଗ କରିବା ଦ୍ୱାରା ଦୁର୍ଭାଗ୍ୟ ପ୍ରାପ୍ତି ହୋଇଥାଏ ।

ଘାସର ଆସନରେ ପୂଜାର୍ଚ୍ଚନା କରିବା ଦ୍ୱାରା ଯଶ କୀର୍ତ୍ତି ନଷ୍ଟ ହୋଇଥାଏ ।

ପତ୍ରରେ ପ୍ରସ୍ତୁତ ଆସନରେ ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ମନ ବ୍ୟସ୍ତ ରହିଥାଏୟ

# ପାଣି ପିଇଲେ ଦୂର ହେବ ଅନେକ ରୋଗ

ପାଣି ପିଇବା ଶରୀର ପାଇଁ ଯେ କେତେ ଭଲ ତାହା ପ୍ରାୟ ସମସ୍ତେ ଜାଣନ୍ତି । ମାତ୍ର ଆପଣ ହୁଏତ ଜାଣିନଥିବେ ଯେ ପାଣିରେ କ'ଣ ସବୁ ଭଲ ଗୁଣ ରହିଛି ।

ପ୍ରଚୁର ପରିମାଣର ପାଣି ପିଇଲେ କେଉଁ ସବୁ ରୋଗକୁ ଭଲ କରି ଦେଇହେବ ସେ କଥା ଜାଣନ୍ତି କି ? ଆପଣ ଧରି ନିଅନ୍ତୁ ଯେ ପାଣି ଏକ ଏପରି ଜିନିଷ ଯାହା ଅନେକ ରୋଗକୁ ଦୂର କରି ଦେଇପାରେ ।

ପ୍ରଚୁର ପରିମାଣର ପାଣି ପିଅନ୍ତୁ । ଆପଣଙ୍କ ସ୍ମରଣ ଶକ୍ତି ବୃଦ୍ଧି ପାଇବା ଆପଣ ଯେତେ ଅଧିକ ପାଣି ପିଇବେ ସେତେ ଅଧିକ ନିରୋଗୀ ରହିବେ । ଏହା ରକ୍ତରୁ ଶର୍କରା ଭାଗକୁ କମ୍ କରିବା ସହ ଓଜନ ହ୍ରାସରେ ବି ସହାୟ ହୋଇଥାଏ। ଯଦି ଆପଣ ନିଜର ଓଜନ ହ୍ରାସ କରିବାକୁ ଡାଏଟ୍ କରୁଛନ୍ତି ତେବେ ଯେତେ ପାରୁଛନ୍ତି ସେତେ ପାଣି ପିଅନ୍ତୁ । ଅଧିକରୁ ଅଧିକ ବ୍ୟାୟାମ କରିବା ପାଇଁ ପାଣି ଶକ୍ତି ଯୋଗାଏ । ଆପଣ ଯଦି ପ୍ରଚୁର ପରିମାଣରେ ପାଣି ପିଉଥାନ୍ତି ତେବେ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟାୟାମ କରି ପାରିବା ପାଇଁ ଶକ୍ତି ମିଳିବ ଆପଣଙ୍କୁ ।

ମୁଣ୍ଡ ବିନ୍ଧା ଓ ମାଇଗ୍ରେନ୍ ପରି ସମସ୍ୟାକୁ ଏହା ଚୁଟ୍କିରେ ସମାଧାନ କରେ । ଆପଣଙ୍କର ଯଦି ଏହି ସବୁ ସମସ୍ୟା ଅଛି ତେବେ ପ୍ରଚୁର ପରିମାଣର ପାଣି ପିଅନ୍ତୁ । ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ପରି ରୋଗକୁ ମଧ୍ୟ ଦୂରେଇ ଯାଇପାରେ । ପ୍ରଚୁର ପରିମାଣର ପାଣି ପିଇଲେ କିଡିନ୍ ଷ୍ଟୋନ୍ ହେବାର ବି ସମ୍ଭାବନା କମ୍ ଥାଏ ।

# ପିତ୍ତଳ ବାସନର ଚମତ୍କାରୀ ଲାଭ

ପିତ୍ତଳ ବାସନ ଓ ପାତ୍ର ଘରେ ରଖିବା ଖୁବ ଶୁଭ ବୋଲି ମାନ୍ୟତା ରହିଛି । ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ପିତ୍ତଳ ପାତ୍ରରେ ପ୍ରସ୍ତୁତ ଭୋଜନ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକାରକ । ଏହା ଶରୀରକୁ ଆରୋଗ୍ୟ ରଖିବା ସହ ଆବଶ୍ୟକ ପରିମାଣରେ ଶକ୍ତି ପ୍ରଦାନ କରିଥାଏ । ଅନ୍ୟ ବାସନ ତୁଳନାରେ ଏହି ବାସନ ଖୁବ ଶକ୍ତ । ପିତ୍ତଳ କଳସରେ ରଖାଯାଇଥିବା ଜଳ ଶରୀରକୁ ଖୁବ ଶକ୍ତି ପ୍ରଦାନ କରିବା ସହ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ । ପିତ୍ତଳ ବାସନ ମଧ୍ୟରେ ଥାଳି, ପାତ୍ର, ଗ୍ଲାସ, ଲୋଟା, ଦେବାଦେବୀଙ୍କ ମୂର୍ତ୍ତି, ସିଂହାସନ, ଘଣ୍ଟ, ବିଭିନ୍ନ ବାଦ୍ୟଯନ୍ତ୍ର ଆଦି ରହିଛି । ତେବେ ପିତ୍ତଳ ବାସନ ସହ ଜଡିତ କିଛି ସରଳ ଉପାୟ ବିଷୟରେ.

◆ ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ପିତ୍ତଳର ଏକ ପାତ୍ରରେ ଚଣା ବତୁରାଇ ରାତି ସାରା ନିଜ ମୁଣ୍ଡରେ ନିକଟରେ ରଖନ୍ତୁ । ସକାଳେ ଏହି ଚଣାରେ କିଛି ଗୁଡ ମିଶାଇ ଗାଈଙ୍କୁ ଖାଇବାକୁ ଦିଅନ୍ତୁ ।

◆ ଧନସମ୍ପତ୍ତି ବୃଦ୍ଧି ଓ ଧନର ଅଭାବ ଦୂର ପାଇଁ ପୂର୍ଣ୍ଣିମା ଦିନ କଳସରେ ଦେଶୀ ଘିଅ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ଅର୍ପଣ କରିବା ପରେ ସେହି ଘିଅକୁ ଅସହାୟଙ୍କୁ ଦାନ କରନ୍ତୁ ।

◆ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ ବୈଭବ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ପିତ୍ତଳର ଦୀପରେ ଶୁଦ୍ଧ ଘିଅ ବ୍ୟବହାର କରି ମା'ଙ୍କ ନିକଟରେ ଦୀପ ଲଗାନ୍ତୁ ।

◆ ଦୁର୍ଭାଗ୍ୟରୁ ମୁକ୍ତି ପାଇବା ପାଇଁ ପିତ୍ତଳର ଏକ ପାତ୍ରରେ ଦହି ଭର୍ତ୍ତି କରି ଉକ୍ତ ଦହି ପାତ୍ର ସହ ଅଶ୍ୱ□ ବୃକ୍ଷ ନିକଟରେ ରଖନ୍ତୁ ।

◆ ସୌଭାଗ୍ୟ ପ୍ରାପ୍ତି ପାଇଁ ପିତ୍ତଳର କଳସରେ ଚଣାଡାଲି ଭର୍ତ୍ତି କରି ଭଗବାନ ବିଷ୍ଣୁଙ୍କୁ ମନ୍ଦିରରେ ଅର୍ପଣ କରନ୍ତୁ ।

# ସହଜ ଉପାୟରେ ଦୂର କରନ୍ତୁ ବେକର କଳାପଣ

ପ୍ରାୟତଃ ଯୁବତୀମାନେ ନିଜ ମୁହଁରେ ଅଧିକ ଧ୍ୟାନ ଦିଅନ୍ତି । କିନ୍ତୁ ଏହା ଚକ୍ଷୁରରେ ବେକର ସୁନ୍ଦରତା ପ୍ରତି ଧ୍ୟାନ ଦେବାକୁ ଭୁଲିଯାଆନ୍ତି । ଏପରି ବେକକୁ ଅଣଦେଖା କରିବା ଦ୍ୱାରା ବେକରେ କଳାପଣ ସମସ୍ୟା ବଢିଯାଏ । ଯୁବତୀମାନେ

ଗାଧୋଇବା ସମୟରେ ବେକରେ ସାବୁନ ଲଗାଇ ରଗଡି କରି ସଫା କରନ୍ତି । ଫଳରେ ବେକ ଲାଲ ପଡିବା ସହ ଖଣ୍ଡିଆ ମଧ୍ୟ ହୋଇଯାଏ । କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି କେବେ ଉପାୟ ବିଷୟରେ ଜଣାଇବୁ, ଯାହା ଆପଣଙ୍କ ଏପରି ସମସ୍ୟା ଦୂର କରିବ । ଆସନ୍ତୁ ଜାଣିବା କ'ଣ ସବୁ ଏହି ଉପାୟ ।

ଆଳୁ ଏବଂ ଲେମ୍ବୁ ରସ : ଚିନି ବ୍ୟତୀତ ଆଳୁ ଏବଂ ଲେମ୍ବୁ ରସ ମଧ୍ୟ ବେକର କଳାପଣ ଦୂର କରିବାରେ ବେଶ ସହାୟକ ହୋଇଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଦାଗ ଦୂର କରିଥାଏ । ପ୍ରତିଦିନ ସକାଳେ ଗାଧୋଇବା ପୂର୍ବରୁ ୧ଟାମଟ ଆଳୁ ରସ ଏବଂ ଟାମଟ ଲେମ୍ବୁ ରସ ମିଶାଇ ବେକରେ ଲଗାନ୍ତୁ । ୧୦ରୁ୧୫ ମିନିଟ୍ ରଖିବା ପରେ ଗାଧୋଇପଡନ୍ତୁ । ୧ ସପ୍ତାହ ଏହାକୁ ଲଗାଇବା ପରେ ବେକରୁ କଳାଦାଗ ଦୂର ହୋଇଥାଏ ।

ଚିନି : ବେକ କଳାପଣ ଦୂର କରିବା ପାଇଁ ସବୁଠାରୁ ସହଜ ଉପାୟ ଚିନି ବ୍ୟବହାର କରିବା । ଏଥିପାଇଁ ବେକକୁ ଅଳ୍ପ ପାଣିରେ ଓଦା କରିଦିଅନ୍ତୁ । ଏହାପରେ ୧-୨ ଟେବୁଲସ୍ପୁନ ଚିନି ନେଇ ସ୍କ୍ରବ ଭଳି ବେକରେ ରଗଡନ୍ତୁ । ୧୦ରୁ ୧୫ ମିନିଟ ରଗଡିବା ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ ।

ଚିନି ପାଣି : ଦୁଇ ଟେବୁଲସ୍ପୁନ ଚିନିକୁ ଅଳ୍ପ ପାଣିରେର ଫୁଟାଇ ଦିଅନ୍ତୁ । ଏହାକୁ ଥଣ୍ଡା ହେବା ପରେ ମିଶ୍ରଣକୁ ନେଇ ହାଲକା ବେକରେ ମସାଜ କରନ୍ତୁ । ଅଳ୍ପ ସମୟ ପାଇଁ ଏହାକୁ ରଖିବାକୁ ଦିଅନ୍ତୁ । ଏପରି କରିବା ଦ୍ୱାରା ବେକ ସଫା ହେବା ସହିତ ମୁଲାୟମ, ଉଜ୍ଜ୍ୱଳ ଦେଖାଯିବ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# କଡ଼ାକଡ଼ି ନିୟମ ଦ୍ୱାରା ଶିଶୁ ଚାଲାଣକୁ ରୋକିବାରେ ସକ୍ଷମ ହେବା

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଅନ୍ତରାଷ୍ଟ୍ରୀୟ ସଂସ୍ଥା ୟୁନିସେଫ୍‌ର ସହଭାଗିତାରେ ଆୟୋଜିତ ହୋଇଯାଇଛି ଶିଶୁ ଚାଲାଣକୁ ଦୂର କରିବା ନିମନ୍ତେ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁ ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ରାଜ୍ୟ ସରକାର ଶିଶୁ ଓ ମହିଳା ଚାଲାଣ ରୋକିବାର ସମସ୍ତ ଦିଗକୁ ପ୍ରାଥମିକତା ଦେଉଛନ୍ତି। ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମକାନୁନକୁ କଡାକଡି କରିବା ସହ ଶିଶୁମାନଙ୍କର ଡିଜିଟାଲ ବ୍ୟବହାରକୁ ନିୟନ୍ତ୍ରଣ କରିବାର ସମୟ ଆସିଛି ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ।

ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମକୁ ଶିଶୁ ସୁରକ୍ଷା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଗାଁ ଗାଁରେ ସଚେତନତାର ବାର୍ତ୍ତା ଓ ହେଲପ୍‌ଲାଇନ ନମ୍ବରକୁ ସକ୍ରିୟ କରିବାର ପରାମର୍ଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା। ଏହି ଲଢେଇରେ ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସହ ଶିଶୁ ଚାଲାଣକୁ ମୂଳପୋଛ କରିବା ପାଇଁ ମିଶନ ମୋଡ୍ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଲେ ଶ୍ରୀମତୀ ପରିଡା। ଏହି ପରିପ୍ରେକ୍ଷୀରେ ଆଜିର ଆଲୋଚନାରେ ନିଷ୍କର୍ଷ ସମସ୍ତ ପ୍ରସ୍ତାବ ଓ ମତାମତକୁ ସମ୍ମାନ ଦିଆଯିବା ସହ ସମ୍ଭାବ୍ୟ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ ଉପମୁଖ୍ୟମନ୍ତ୍ରୀ।

ଶିଶୁ ଓ ମହିଳା ଚାଲାଣ ଭଳି ଜଘନ୍ୟ ଅପରାଧକୁ ରୋକିବା କ୍ଷେତ୍ରରେ ଆମ ସମସ୍ତଙ୍କୁ ସହଭାଗିତାରେ କାର୍ଯ୍ୟ କରିବାକୁ ପଡିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମତପ୍ରକାଶ କରିଥିଲେ । ଶିଶୁ ଚାଲାଣ ରୋକିବା ପାଇଁ ବିଭାଗ ତରଫରୁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ସେ ଦୃଢ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୟୁନିସେଫର ରାଜ୍ୟ ମୁଖ୍ୟ ୱିଲିୟମ ହାନଲୋନ ଜୁନିଅର ଯୋଗ ଦେଇ ଶିଶୁ ଚାଲାଣ ରୋକିବା ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ।

ଏହି ଆଲୋଚନା ଚକ୍ରରେ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷବୃନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଗଣ, ଚାଇଲ୍ଡ ହେଲପ୍‌ଲାଇନ ନମ୍ବରର ପ୍ରୋଜେକ୍ଟ ସଂଯୋଜକଗଣ ଓ ଶିଶୁ ସୁରକ୍ଷା ସହ ଜଡ଼ିତ ରାଜ୍ୟର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଆଦି ଅଂଶଗ୍ରହଣ କରିଥିଲେ। ଖଡଗପୁର ରେଲୱେ ସୁରକ୍ଷା ଅଧିକାରୀ ଓ ରାଜ୍ୟ ପୋଲିସ ଅଧିକାରୀମାନେ ମଧ୍ୟ ଏହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ଚାଲାଣର କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା ହେବା ସହ ୪-ଚ: ପ୍ରତିରୋଧ , ସୁରକ୍ଷା, ନିୟମ କାର୍ଯ୍ୟକାରୀ ଓ ସହଭାଗୀତାର ଆଭିମୁଖ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକା ଶ୍ରୀମତୀ ମୋନିଷା ବାନର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିରିକ୍ତ ସଚିବ ସମିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁ ପଞ୍ଚାୟତରେ ହେବ ଆରୋଗ୍ୟ ମନ୍ଦିର

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆୟୁର୍ବେଦ ଚିକିତ୍ସାକୁ ଗୁରୁତ୍ୱ ଦେବା ପାଇଁ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି। ମୋହନଙ୍କ ଡ଼ବଲ ଇଞ୍ଜିନ ସରକାର ଆୟୁର୍ବେଦ କ୍ୟାଡ଼ରକୁ ମଜବୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ସବୁ ପଞ୍ଚାୟତରେ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ। ଏଥିରେ ଜଣେ ଲେଖାଏଁ ଯୋଗ୍ୟ ଶିକ୍ଷକ ରହିବେ। ଓଡ଼ିଶାରେ ୬୫୦୦ ଗ୍ରାମ ପଂଚାୟତ ରହିଛି।

୫ ବର୍ଷ ଭିତରେ ଏହି କାମ ସରିବା ନେଇ ଟାର୍ଗେଟ ରଖାଯାଇଛି। ଯେଉଁଥିରେ ନେଚରୋପ୍ୟାଥି ଓ ଯୋଗର ପ୍ରଚାର ପ୍ରସାର ହୋଇପାରିବ। ଆୟୁର୍ବେଦ ଓ ହୋମିଓପ୍ୟାଥିକ କଲେଜକୁ ସୁଦୃଢ଼ କରାଯିବ। ପିଏଚସି ଓ ସିଏଚସିରେ ହୋମିଓପାଥି ମେଡ଼ିସିନ ରଖାଯିବ। ଲୋକଙ୍କ ଭିତରେ ବିଶ୍ୱାସ ବଢାଇବାକୁ ହେବ ଯେ, ଆୟୁର୍ବେଦ, ହୋମିଓପ୍ୟାଥି ମେଡ଼ିସିନ ରୋଗକୁ ହରାଇଥାଏ । ଏ ବିଷୟରେ ପ୍ରତ୍ୟେକ ଲୋକଙ୍କୁ ସଚେତନ କରାଯିବ। ଆୟୁର୍ବେଦ କଲେଜରେ ନିଯୁକ୍ତି ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, କିଛି ଦିନ ତଳେ ବିଭିନ୍ନ ଆୟୁର୍ବେଦ କଲେଜରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିଛି। ଆଗାମୀ ୫ ବର୍ଷ ମଧ୍ୟରେ ସବୁ ନିଯୁକ୍ତି କରାଯିବ। ସରକାର ଏ କଥାକୁ ନଜରରେ ରଖିଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ, ଜାରି ରହିବ ଗୋପବନ୍ଧୁ ସ୍ୱାସ୍ଥ୍ୟ ଯୋଜନା।

# ରୋବଟ୍ ଲିଭାଇବ ନିଆଁ, ଆସିଲା ୨୨ ମେସିନ

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** ଅଗ୍ନିଶମ ବାହିନୀରେ ଯୋଡ଼ି ହୋଇଛି ରୋବଟିକ୍ସ ମନିଟର। ନିଆଁ ଲିଭାବେଳେ ଅଗ୍ନିକମାନେ ଯେଉଁଠି ପହଞ୍ଚି ପାରୁନାହାନ୍ତି, ଏହି ରୋବଟିକ୍ସ ମନିଟର ସେଠାରେ ବିନା ବାଧାରେ ପହଞ୍ଚି ନିଆଁ ଲିଭାଇବ । ମଙ୍ଗଳବାର ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦଘାଟନ କରିଥିଲେ।

ଆଜି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ। ଏହି ଅବସରରେ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗକୁ ଅଧିକ ସଶକ୍ତ ଓ ମଜଭୁତ କରିବା ନିମନ୍ତେ ଏହି ଅବସରରେ ୨୨ଟି ଫାୟାର ଫାଇଟିଙ୍ଗ ରୋବଟିକ୍ ମନିଟରକୁ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଉପସ୍ଥିତିରେ ଏହି ରୋବୋଟ୍ ନିଆଁ ଲିଭାଇବାର କୌଶଳ ପ୍ରଦର୍ଶନ କରିଥିଲା। ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଏହି ରୋବଟ କିନ୍ତୁ ନିଆଁ ଭିତରେ ପଶିବ ଓ ତତକ୍ଷଣାତ ନିଆଁ ଲିଭାଇବ। ଜଣେ ଅଗ୍ନିଶମ କର୍ମଚାରୀ ଏହାର ରିମୋଟକୁ ନିୟନ୍ତ୍ରଣ କରିବେ। ଏହି ରୋବଟ ଭିତରେ ପାଣି ପଶିବ। ନିଆଁ ଲାଗିଥିବା ସ୍ଥାନକୁ ଯାଇ ଉକ୍ତ ମେସିନଟି ପାଣି ସ୍ପ୍ରେ କରିବ। ଏଥିସହ ଅତ୍ୟଧିକ ଉତ୍ତାପରେ ବି ମନିଟରକୁ ଥଣ୍ଡା ରଖିବାକୁ ବ୍ୟବସ୍ଥା କରାଯାଇଛି। ଏହି ରୋବଟରେ ୩୬୦ ଡିଗ୍ରୀ କ୍ୟାମେରା ବ୍ୟବହାର କରାଯାଇଛି। ଥର୍ମାଲ ଓ ନର୍ମାଲ କ୍ୟାମେରା ବ୍ୟବହାର ହୋଇଛି। ନର୍ମାଲ କ୍ୟାମେରା ଦ୍ୱାରା ଆଗରେ ରାସ୍ତା କ୍ଲିୟର ଅଛି ନା ନାହିଁ ତାହା ଜଣାପଡ଼ିବ। ଥର୍ମାଲ କ୍ୟାମେରା ଦ୍ୱାରା ନିଆଁ ଲାଗିବା ଦ୍ୱାରା ଚାରିଆଡ଼େ ଧୂଆଁମୟ ହୋଇଗଲେ ଆଗରେ କ'ଣ ଅଛି ତାହା ବି ଜଣାପଡ଼ିବ। ୧ କିମି ଦୂରରୁ ଏହାକୁ ରିମୋଟ ଦ୍ୱାରା ନିୟନ୍ତ୍ରଣ କରିହେବ। ସହରର ଗଳି କନ୍ଦିରେ କୌଣସି ସ୍ଥାନରେ ନିଆଁ ଲାଗିଲେ ସେଠାରେ ପହଞ୍ଚିବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ କାଠିକର ପାଠ ହେଉଥିବା ବେଳେ ଏହି ରୋବଟ କିନ୍ତୁ ଅନାୟାସରେ ଘଟଣାସ୍ଥଳରେ ପହଞ୍ଚିପାରିବ। ଏହାଦ୍ୱାରା କେତେ ମାତ୍ରାରେ ଅଗ୍ନିକାଣ୍ଡ କ୍ଷୟକ୍ଷତିରୁ ବର୍ତ୍ତି ହେବ ତଥା କେତେ ସହଜରେ ନିଆଁ ଲିଭାଇ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

# ଚାଷୀଙ୍କ ଜୀବନକୁ ନୂଆ ଦିଶା ଦେଉଛି କପା ଚାଷ

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** କୃଷିଭବନସ୍ଥିତ ଅଡିଟୋରିଅମ ହଲରେ କପା ଚାଷ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ଓଡ଼ିଶା ମାଟିରେ କପା ଚାଷ ହେଉଥିବା ବିଭିନ୍ନ ଅର୍ଥକାରୀ ଫସଲ ମଧ୍ୟରୁ ଅନ୍ୟତମ ହେଉଛି କପା ଚାଷ। ବୟନଶିଳ୍ପ ର ଆଧାର ହେଉଛି କପା । ବଜାର ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ 'ଧଳା ସୁନା'ର ଆଖ୍ୟା ଦିଆଯାଇଛି। ଓଡ଼ିଶାର କୃଷି ଅର୍ଥନୀତି ଓ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି କପା ଚାଷକୁ ବିଶେଷ ପ୍ରୋତ୍ସାହନ ରାଜ୍ୟ ସରକାର ଦେଉଛନ୍ତି।

ଭାରତରେ ବ୍ୟବହୃତ କପାର ମୋଟ ୪୦ ପ୍ରତିଶତ କପା ଓଡ଼ିଶାରେ ଚାଷ ହେଉଛି ଏବଂ ଆଜି ଏହା ୧୧ ଟି ଜିଲ୍ଲାର ୨ ଲକ୍ଷ ୩୯ ହଜାର ହେକ୍ଟର ଜମିକୁ ସମ୍ପୃସାରିତ ହୋଇପାରିଛି। କେବଳ ରାୟଗଡ଼ା, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାରୁ ହିଁ ଓଡ଼ିଶାର ୮୫ ପ୍ରତିଶତ କପା ଉତ୍ପାଦନ ହେଉଛି।

ଆମ ରାଜ୍ୟରେ ଉତ୍ପାଦିତ କପା ଅତି ଉତ୍କୃଷ୍ଟ ମନର ତଥା ଲମ୍ବା ତନ୍ତୁବିଶିଷ୍ଟ । ଓଡିଶାରୁ ଉତ୍ପାଦିତ କପା ଦେଶବିଦେଶକୁ କସ୍ତୁରୀ କପା ନାମରେ ରପ୍ତାନି ହେଉଛି ଯାହାଦ୍ୱାରା ବିଶ୍ୱ ବୟନଶିଳ୍ପ ସମୃଦ୍ଧ ହେଉଛି। କର୍ମଶାଳାରେ

ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଓଡ଼ିଶାର ଚାଷୀ ଭାଇ ଭଉଣୀ ଙ୍କ ଜୀବନକୁ ନୂଆ ଦିଶା ଦେଇଛି ଲାଭଜନକ କପା ଚାଷ। ସେମାନଙ୍କର ଜୀବିକା ସୁଦୃଢ଼ ହୋଇଛି ଏବଂ ସେମାନେ ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି। କପାଚାଷ ଲାଗି କୃଷି ସାମଗ୍ରୀ, ସାର, କୀଟନାଶକ ପ୍ରଭୃତି ଡିବିଟି ମାଧ୍ୟମରେ ସରକାର ଯୋଗାଇ ଦେଉଛନ୍ତି। ଏବଂ ତା ସହ ଚାଷୀମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ମଧ୍ୟ ଦିଆଯାଉଛି। ଏହାର ବିକ୍ରିବଟା ସୁବିଧାରେ କରିବା ପାଇଁ ବିଭିନ୍ନ ସ୍ଥାନରେ ମଣ୍ଡି ମଧ୍ୟ ଖୋଲାଯାଇଛି।

ଶେଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ୱାର୍ଲ୍ଡ଼ ଫୁଡ଼ ପ୍ରୋଗ୍ରାମ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓ ୟୁ) ସ୍ୱାକ୍ଷରିତ ହୋଇଥିଲା । କପା ଚାଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। କର୍ମଶାଳାରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଓୟୁଏଟି କୁଳପତି, ସିସିଆଇ ନିର୍ଦ୍ଦେଶକ, ଆଇସିଏଆର ରୁ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀଙ୍କ ଶପଥ ପାଠ

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଶପଥ ପାଠ କରିଛନ୍ତି। ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଆଜି ମୁଖ୍ୟମନ୍ତ୍ରୀଶ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ରାଜ୍ୟର ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ମର୍ମରେ ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ। ନିଜ ଆଚରଣ ଓ କର୍ତ୍ତବ୍ୟ ସଂପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଂଚ ଦେବା ଓ ନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷକୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଗୁର୍ବୀର ସିଂହ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଉପ ଶାସନ ସଚିବ ଏସ୍.କେ. କଲାମୁଦ୍ଦିନ୍, ଉପ ନିର୍ଦ୍ଦେଶକ ଶ୍ରୀମତୀସୁଚେତା ପ୍ରୟଦର୍ଶନୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତରହି ଶପଥ ପାଠକରିଥିଲେ।

# ବିଗ୍‌ବାସ୍କେଟ ପକ୍ଷରୁ ଦୀପାବଳି ଶପିଂ

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** ବିଗ୍‌ବାସ୍କେଟ ଏକ ଫୁଲ-ଷ୍ଟକ ଦ୍ରୁତ ବାଣିଜ୍ୟ ସଂସ୍ଥା ଭାବେ ପରିଣତ ହୋଇଛି। ଗ୍ରାହକଙ୍କ ଘରେ ଖାଦ୍ୟ ସାମଗ୍ରୀ ସହିତ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ଯୋଗାଇ ଦେଉଛି। ଏହି ପରିବର୍ତ୍ତନ ଟିୟର ୨ ବଜାରରେ ଶୀଘ୍ର ବାଣିଜ୍ୟ ଅଫର ବିସ୍ତାର କରିବାକୁ ପାଇଁ ବିଗ୍‌ବାସ୍କେଟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଯେଉଁଠାରେ ଗ୍ରାହକମାନଙ୍କ ମଧ୍ୟରେ ସ୍ୱଳ୍ପ ସମୟରେ ଟପ୍ ବ୍ରାଣ୍ଡର ଗୁଣାତ୍ମକ ଉତ୍ପାଦର ବ୍ୟାପକ ଚୟନ ପାଇଁ ଅଧିକରୁ ଅଧିକ ଚାହିଦା ବଢ଼ିବାରେ ଲାଗିଛି।

ଦୀପାବଳି ଅବସରରେ ସମସ୍ତ ଅଂଚଳରେ ବିଗ୍‌ବାସ୍କେଟ ଗ୍ରାହକମାନଙ୍କ ପାଇଁ ପାର୍ବଣକୁ ଉତ୍ସାହଜନକ ଭାବେ ଉତ୍ସବ ପାଳନ ସହିତ ବିଭିନ୍ନ ପ୍ରକାରର ଉତ୍ପାଦ ଯୋଗାଇବା ପୂର୍ବାପେକ୍ଷା ସହଜ କରି ମାତ୍ର ୧୦ ମିନିଟରେ ବିତରଣ ଜାରି ରଖିଛି। ଆଗାମୀ ମାସଗୁଡିକରେ କ୍ରୋମାର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଏବଂ ହୋମ୍ ଆପଲାଏନ୍ସ, ମ୍ୟାଟେଲ୍, ହାସବ୍ରୋ, ଲେଗୋ, ଏବଂ ବେବ୍ଲେଡ ଭଳି ବ୍ରାଣ୍ଡର ଖେଳନା ତଥା ଟାଟା କ୍ଲିକ୍‌ର ପୋଷାକ ଯୋଗାଇବାକୁ ବିଗ୍‌ବାସ୍କେଟ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେଉଛି। ଏହି ଅବସରରେ ବିବି ରିଟେଲର ମାର୍କେଟିଂ ମୁଖ୍ୟ ରାଗାଲେନା ଶ୍ରୀପଦ କହିଲେ, ଟିୟର ୨ ବଜାର ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୦ ମିନିଟ ମଧ୍ୟରେ ବିତରଣ ହୋଇଥିବା ବହୁ ପରିମାଣର ଉତ୍ପାଦ ପାଇଁ ଆମର ଟିୟର ୨ ଗ୍ରାହକଙ୍କ ଉତ୍ସାହ ଦେଖି ଆମେ ବେଶ୍ ଆନନ୍ଦିତ। ଚଳିତ ଦୀପାବଳିରେ ସୁନା ଏବଂ ରୂପା ମୁଦ୍ରା, ହୋମ୍ ଡେକର, ଡ୍ରାଏ ଫ୍ରୁଟସ୍, ଗିଫ୍ଟିଂ ରେଞ୍ଜ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ମାତ୍ର ୧୦ ମିନିଟରେ ଗ୍ରାହକଙ୍କ ଘରେ ବିତରଣ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଦୀପାବଳି ଶପିଂ ଅଭିଜ୍ଞତାକୁ ସୁବିଧା ଏବଂ ମୂଲ୍ୟ ଆଧାରରେ ତୁଳନାତ୍ମକ କରିବା ପାଇଁ ଆମେ ଉତ୍ସର୍ଗୀକୃତ। ଶ୍ରେଷ୍ଠ ବ୍ରାଣ୍ଡ କାରବାର ଏବଂ ପ୍ରସିଦ୍ଧ ବ୍ରାଣ୍ଡଗୁଡିକର ୧୦ ମିନିଟର ବିତରଣ ସହିତ, ବିଗ୍‌ବାସ୍କେଟ ଉତ୍ସବର ଶପିଂ ଅଭିଜ୍ଞତାକୁ ରୁଦ୍ଧିମନ୍ତ କରିବା ସହିତ ସମଗ୍ର ଭାରତରେ ଗ୍ରାହକଙ୍କ ପାଇଁ ଏହାକୁ ସରଳ ଏବଂ ଅଧିକ ରୋମାଂଚକର କରୁଛି।

# ଦାରୁଠେଙ୍ଗରେ ଜନଶୁଣାଣି ଶିବିର

**ଭୁବନେଶ୍ୱର, ୨୯।୧୦ (ମହାଭାରତ):** ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଉଅଛି।

ଆଜି ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମ ପଂଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲା ପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଜିଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ବିଭାଗୀୟ ଅଧିକାରୀ ମାନେ ବିହିତ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଜିଲ୍ଲାପାଳ ନିର୍ଦ୍

# କୃଷି ବିକାଶ

ବଜେଟ ବ୍ୟବସ୍ଥା ଅନୁଯାୟୀ ଉଭୟ ପାରମ୍ପରିକ ଏବଂ ଆଧୁନୀକ ଉପାୟରେ କୃଷି ବିକାଶ ନିମନ୍ତେ ଅନେକ ପଦକ୍ଷେପ ନିଆଯିବ। ମୃତ୍ତିକା ପରୀକ୍ଷଣ ଏବଂ ମାଟିର ଉର୍ବରତା ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରିବେ। ସେହିପରି କୃଷକଙ୍କ ଲାଗି ବଜାର ବ୍ୟବସ୍ଥା କରିବା ମଧ୍ୟ କେନ୍ଦ୍ରୀୟ ଯୋଜନାରେ ରହିଛି। ଅର୍ଗାନିକ ଫାର୍ମିଂକୁ ଏବେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ପ୍ରୋତ୍ସାହିତ କରିବା ନିମନ୍ତେ କେନ୍ଦ୍ର ସରକାର ଚାଷୀଙ୍କୁ ସହାୟତା ଦେବେ। କହିବା ବାହୁଲ୍ୟ ଯେ, ପିଏମ କିଷାନ ଯୋଜନାରେ କୃଷକଙ୍କୁ ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହା ଫଳରେ କୃଷକମାନେ ଆବଶ୍ୟକତା ଅନୁଯାୟୀ ସାର, କୀଟନାଶକ ଏବଂ ବିହନ କିଣିପାରିବେ। ସେହିପରି କେନ୍ଦ୍ର କ୍ୟାବିନେଟ ଏଡିବଲ ଅଏଲ ମିଶନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଖାଇବା ତେଲରେ ସ୍ୱାବଲମ୍ବୀ ହେବା ଏହା ଉଦ୍ଦେଶ୍ୟ। ଭାରତ ଏବେ ମାଲେସିଆ, ଇଣ୍ଡୋନେସିଆ ଓ ଥାଇଲାଣ୍ଡ ଭଳି ଦେଶରୁ ପାମ ଅଏଲ, ୟୁକ୍ରେନରୁ ସନ ଫ୍ଲାୱାର ଅଏଲ, ବ୍ରାଜିଲରୁ ସୋୟା ଅଏଲ ଆମଦାନୀ କରୁଛି। ଆବଶ୍ୟକସ୍ଥଳେ ଅନ୍ୟ ଦେଶରୁ ମଧ୍ୟ ଖାଇବା ତେଲ ଆମଦାନୀ କରୁଛି। ଏଥିପାଇଁ ଭାରତରେ ଖାଇବା ତେଲ ଦର ସବୁ ବେଳେ ଚଢ଼ା ରହୁଛି। ଖାଇବା ତେଲ ଆମଦାନୀ ଉପରେ କେନ୍ଦ୍ର ସରକାର ଶୁଳ୍କ ଆଦାୟ କରୁଛନ୍ତି। ତେଣୁ ଏହାର ଆମଦାନୀ ଖର୍ଚ୍ଚ ବଢୁଛି। ଆମ ଦେଶର ତୈଳବୀଜ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଏଡିବଲ ଅଏଲ ଇମ୍ପୋର୍ଟ ଉପରେ ଚଢ଼ା ହାରରେ ଟିକସ ଆଦାୟ କରୁଛନ୍ତି। ଏହାର ବୋଝ ଖାଉଟୀଙ୍କ ଉପରେ ପଡୁଛି। ଏବେ ନିକଟରେ କେନ୍ଦ୍ର ସରକାର ପାମ ଅଏଲ ଉପରୁ ଇମ୍ପୋର୍ଟ ଡ୍ୟୁଟି ଛାନକୁ ପ୍ରତ୍ୟାହାର କରିବା ପରେ ଭାରତରେ ଖାଇବା ତେଲ ଦର ବୃଦ୍ଧି ପାଇଛି। ସେଥିପାଇଁ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାକୁ ଭାରତ ସରକାର ଏଭଳି ଏକ ମିଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ୭ ବର୍ଷରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ତୈଳବୀଜ ଚାଷୀଙ୍କୁ ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରୋତ୍ସାହିତ କରିବା ହେଉଛି ମିଶନର ମୂଳ ଉଦ୍ଦେଶ୍ୟ। ଏହା ସଫଳ ହେଲେ ଆଗାମୀ ୧୦ ବର୍ଷ ଭିତରେ ଭାରତ ଖାଇବା ତେଲ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିବ ଏବଂ ଆଉ ଏଥିପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଶତ ପ୍ରତିଶତ ନହେଲେ ମଧ୍ୟ ଯଦି ଭାରତ ଆବଶ୍ୟକତାର ୭୦ ପ୍ରତିଶତ କାଇବା ତେଲ ଉତ୍ପାଦନ କରିପାରିବ ତେବେ ବହୁତ ବଡ଼ ସଫଳତା ହାସଲ ହେବ। କହିବା ବାହୁଲ୍ୟ ଯେ, ଭେଜିଟେବଲ ଅଏଲ ଆମଦାନୀରେ ଭାରତ ବିଶ୍ୱରେ ଏକନମ୍ବର ଦେଶ। ଭାରତରେ ପ୍ରଚୁର ପରିମାଣର ଭେଜିଟେବଲ ବା ଏଡିବଲ ଅଏଲ ପ୍ରଡକ୍ସନ ହେଉଥିଲେ ମଧ୍ୟ ୧୪୦ କୋଟି ଲୋକଙ୍କ ଆବଶ୍ୟକତା ମେଣ୍ଟାଇବାକୁ ଏହା ପର୍ଯ୍ୟାପ୍ତ ହେଉନି। ଏଥିପାଇଁ ୟୁକ୍ରେନ, ମାଲେସିଆ, ଇଣ୍ଡୋନେସିଆ ଭଳି ଦେଶ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି। ଏହା ଫଳରେ ଆମକୁ ବିପୁଳ ପରିମାଣର ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି ଏବଂ ଭାରତର ଟ୍ରେଡ ଡେଫିସିଟ ବଢୁଛି। ଏବେ ନରେନ୍ଦ୍ର ମୋଦି ଯେଉଁ ମିଶନ ଆରମ୍ଭ କଲେ ତାହା ଅନେକ ବର୍ଷ ପୂର୍ବରୁ କରିବାର ଇଥିଲା। ଯଦି କୃଷି ଓ କୃଷକଙ୍କ ବିକାଶ ଯୋଜନା ବାସ୍ତବରେ କାର୍ଯ୍ୟକାରୀ ହୁଏ ତେବେ ଆଗାମୀ ୧୦ ବର୍ଷରେ ଭାରତରେ କୃଷି ଓ କୃଷକଙ୍କ ଅବସ୍ଥା ପୁରା ବଦଳିଯିବ।

# ବଡ଼ଚଣା ମାଟିରେ ଅମଳିନ ଗାନ୍ଧୀ ସ୍ମୃତି...

॥ ଶୁଭେନ୍ଦୁ କୁମାର ଭୂୟାଁ ॥

*ଗାନ୍ଧିଜୀ ଚମ୍ପାପୁର ଆଶ୍ରମରେ ପହଂଚିବା ପରେ ତାଙ୍କର ପରବର୍ତ୍ତୀ ଗସ୍ତସୂଚୀର ବିବରଣୀ ପ୍ରସ୍ତୁତ ହୋଇଥିଲା । ହରିଜନ ସେବକ ସଂଘର ମାଲକାନଜୀ ଓ ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଉପସ୍ଥିତିରେ ଗସ୍ତସୂଚୀର ଚିଠା ନିଜେ ତଦାରଖ କରିଥିଲେ ଗାନ୍ଧିଜୀ । ଏହି ଆଶ୍ରମର ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଗାନ୍ଧିଜୀ ଖୁସି ହୋଇଥିଲେ । ପରଦିନ ଥିଲା ମଙ୍ଗଳବାର । ଚମ୍ପାପୁର ହାଟପଡ଼ିଆ ଠାରେ ଆୟୋଜିତ ହୋଇଥିଲା ଏକ ବିଶାଳ ଜନସଭା । ଏହି ସଭାରେ ଗାନ୍ଧିଜୀ ଆଶ୍ରମ ପରିଚାଳନା ପାଇଁ କ'ଣ ଭଲମନ୍ଦ ଦିଗ ରହିଛି ସେ ସମ୍ପର୍କରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ ।*

ଜାତିର ଜନକ ମହାତ୍ମାଗାନ୍ଧିଙ୍କର ଓଡ଼ିଶା ମାଟିରେ ଆରମ୍ଭ ହୋଇଥିବା ଐତିହାସିକ ହରିଜନ ପଦଯାତ୍ରାର ଅନେକ ବର୍ଷ ଇତି ମଧ୍ୟରେ ଅତିକ୍ରାନ୍ତ ହୋଇଛି । ଏହି ସ୍ମରଣୀୟ ପଦଯାତ୍ରାରେ ଅବିଭକ୍ତ କଟକ ଜିଲ୍ଲାର ବଡ଼ଚଣାର ବୈରୀ, ବରୀର କାଇପଡ଼ା, କଲ୍ୟାଣପୁର, ଅନ୍ୟାସପୁର, ସାହାସପୁର, ବାଗଦା, ଯାଜପୁରର ବୁଢ଼ାଘାଟ ଓ ବୈତରଣୀତଟ ଏଥିରେ ସାମିଲ ହୋଇ ଏବେ ବି ଅତୀତ ସ୍ମୃତିକୁ ରୋମନ୍ଥନ କରୁଛି । ଗାନ୍ଧୀ ପଦରଜରେ ଧନ୍ୟ ଓଡ଼ିଶାର ଅନେକ ପୁଣ୍ୟ ପୀଠସ୍ଥଳୀ ମଧ୍ୟରୁ ଯାଜପୁର ମାଟିର ଏହିସବୁ ଅଚଂଳ ତାଙ୍କ ସ୍ମୃତିକୁ ଧରି ରଖିଥିବାବେଳେ ଜନମାନସରେ ଗାନ୍ଧୀ ସ୍ମୃତିକୁ ମନେପକାଉଛନ୍ତି ସ୍ଥାନୀୟ ଅଚଂଳବାସୀ ।

୧୯୩୪ ମସିହା ମଇ ମାସ ୨୧ ତାରିଖ (ସୋମବାର) ଦିନ ଥିଲା ତତ୍କାଳୀନ ଅବିଭକ୍ତ କଟକ ତଥା ବର୍ତ୍ତମାନର ଯାଜପୁର ଜିଲ୍ଲା ପାଇଁ ଗାନ୍ଧୀସ୍ମୃତିଗାଥାର ଏକ ଅବିସ୍ମରଣୀୟ ଦିନ । ପାଟଣାଠାରେ ଆୟୋଜିତ ନିଖିଳ ଭାରତ କଂଗ୍ରେସ କମିଟିର ଦୁଇଦିନିଆ ଅଧିବେଶନରେ ଯୋଗଦେଇ ମେ ୨୦ ତାରିଖ ଦିନ ଗାନ୍ଧିଜୀ ସେଠାରୁ ସିଆଲ୍‌ଦା ଏକ୍ସପ୍ରେସରେ ଚଢ଼ିଲେ । ଏହା ଥିଲା ଜାତିର ଜନକଙ୍କ ଓଡ଼ିଶାରେ ଆରମ୍ଭ ହୋଇଥିବା ହରିଜନ ପଦଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ । ମଇ ୨୧ ତାରିଖ ଭୋର ସମୟରେ ବଡ଼ଚଣା ବ୍ଲକର ଅଖ୍ୟାତ ବୈରୀ ଷ୍ଟେସନରେ ରହିଲା ଏହି ଦ୍ରୁତଗାମୀ ରେଳଗାଡ଼ିଟି । ନାଁ ଅଜଣା ବୈରୀ ଷ୍ଟେସନରେ ସିଆଲ୍‌ଦା ଏକ୍ସପ୍ରେସ ଭଳି ଟ୍ରେନ୍ କେବେ ଅଟକି ନଥିଲା, କିନ୍ତୁ କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ରେଳବାଇର ବରିଷ୍ଠ ଅଧିକାରୀଙ୍କଠାରୁ ବିଶେଷ ଅନୁମତି ଆଣିଥିବାରୁ ଗାନ୍ଧୀ ସହଯାତ୍ରୀ ଥିବା ଏହି ଏକ୍ସପ୍ରେସ ଗାଡ଼ିଟି ସେଠାରେ ଅଳ୍ପ ସମୟ ପାଇଁ ଅଟକିଥିଲା । ଗାନ୍ଧୀଙ୍କ ସହିତ ସେଦିନ ରେଳଗାଡ଼ିରୁ ଓହ୍ଲାଇଥିଲେ ମାଲକାନଜୀ ଓ ଅନ୍ୟାନ୍ୟ ବହୁ ନେତୃସ୍ଥାନୀୟ ବ୍ୟକ୍ତି । ତାଙ୍କ ଉପରେ ନ୍ୟସ୍ତ ଥିଲା ଗାନ୍ଧୀଙ୍କର ପୁରୀଠାରୁ ଭଦ୍ରକ, ବାଲେଶ୍ୱର ଯାତ୍ରାର ଆୟୋଜନ ଦାୟିତ୍ୱ । କଂଗ୍ରେସ ସାମ୍ୟବାଦୀ ଦଳର ବରିଷ୍ଠ ନେତା ବମ୍ବେର ମୀନୁ ମାସାନି ଓ ଇଂଲଣ୍ଡ ଅଧିବାସୀ ଜଣେ ବିଶିଷ୍ଟ ମହିଳା ମିସ୍ ଆଗାଥା ହାରିସନ ମଧ୍ୟ ଏହି ସହଯାତ୍ରୀ ଦଳରେ ଥିଲେ । ଷ୍ଟେସନରେ ଓହ୍ଲାଇବା ପରେ ଗାନ୍ଧିଜୀ ପ୍ରଥମେ ତଦାରଖ କରିଥିଲେ ସହଯାତ୍ରୀମାନଙ୍କର ଜିନିଷପତ୍ର ଠିକ୍‌ଠାକ ଅଛି କି ନାହିଁ । ସେଦିନ ଥିଲା ସୋମବାର-ଗାନ୍ଧିଜୀଙ୍କର ସାପ୍ତାହିକ ମୌନ ଦିବସ । ତଥାପି ଠାର ଦ୍ୱାରା ଜିନିଷପତ୍ର କାହା ଦାୟିତ୍ୱରେ ଏବଂ କେମିତି ଯିବ ସେ ତଦାରଖ କରିଥିଲେ । ଗାନ୍ଧୀଙ୍କ ଆଗମନରେ ସକାଳୁ ସକାଳୁ ବୈରୀ ଷ୍ଟେସନଟି ପ୍ରକମ୍ପିତ ହୋଇଥିଲା ତାଙ୍କ ସ୍ୱାଗତ ଧ୍ୱନିରେ । ସେହିଦିନ ଷ୍ଟେସନରେ ହିଁ ସକାଳୁଆ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ଆସିଥିବା ବଳଦ ଗାଡ଼ିରେ ଜିନିଷପତ୍ର ବୋଝେଇ ହେବା ପରେ ଚମ୍ପାପୁର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା । ବାଟରେ ପଡ଼ିଥିଲା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଛତିଆବଟ ।

ମହାତ୍ମାଗାନ୍ଧୀଙ୍କ ସହିତ ଯୋଗ ଦେଇଥିବା ବହୁ ବିଶିଷ୍ଟ ଜାତୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ସମେତ ସ୍ଥାନୀୟ ଅଂଚଳର ସଂଗ୍ରାମୀ ଓ ଗାନ୍ଧୀପ୍ରେମୀ ଜନତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସିଆଲ୍‌ଦା ଏକ୍ସପ୍ରେସଟି ଥିଲା ଏକ ବାଷ୍ପଚାଳିତ ଇଞ୍ଜିନ୍ ଓ ସେଥିରେ ୪/୫ଟି ଡବା ଥିଲା ବୋଲି ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀରୁ ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ, କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପଣ୍ଡିତ ଗୋବିନ୍ଦ ମିଶ୍ର ହେଉଛନ୍ତି ଓଡ଼ିଶାର ପ୍ରଥମ ବ୍ୟକ୍ତି ଯାହାଙ୍କୁ କି ଗାନ୍ଧିଜୀ ସାବରମତୀ ଆଶ୍ରମରୁ ଜାଣିଥିଲେ । ଗୋବିନ୍ଦ ମିଶ୍ର ଥିଲେ ଦଶପଲ୍ଲା ଗଡ଼ଜାତ ଅଂଚଳର ଜଣେ ବିଶିଷ୍ଟ ସଂଗ୍ରାମୀ । ଇଂରେଜ ସରକାରଙ୍କର ପ୍ରାଦୁର୍ଭାବରେ ଅତିଷ୍ଠ ହୋଇ ସେ ଦଶପଲ୍ଲା ଛାଡ଼ି ପଳାଇ ଆସି କିଛିଦିନ ଶାନ୍ତିନିକେତନ ଓ ପରେ ସାବରମତୀ ଆଶ୍ରମକୁ ଚାଲି ଯାଇଥିଲେ । ତାଙ୍କର ବିଶେଷ ଅନୁରୋଧ କ୍ରମେ ମହାତ୍ମାଗାନ୍ଧୀଙ୍କର ଗସ୍ତ କାର୍ଯ୍ୟସୂଚୀ ଏହି ଆଶ୍ରମକୁ ହୋଇଥିଲା ।

ଗାନ୍ଧିଜୀ ଚମ୍ପାପୁର ଆଶ୍ରମରେ ପହଂଚିବା ପରେ ତାଙ୍କର ପରବର୍ତ୍ତୀ ଗସ୍ତସୂଚୀର ବିବରଣୀ ପ୍ରସ୍ତୁତ ହୋଇଥିଲା । ହରିଜନ ସେବକ ସଂଘର ମାଲକାନଜୀ ଓ ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଉପସ୍ଥିତିରେ ଗସ୍ତସୂଚୀର ଚିଠା ନିଜେ ତଦାରଖ କରିଥିଲେ ଗାନ୍ଧିଜୀ । ଏହି ଆଶ୍ରମର ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଗାନ୍ଧିଜୀ ଖୁସି ହୋଇଥିଲେ । ପରଦିନ ଥିଲା ମଙ୍ଗଳବାର । ଚମ୍ପାପୁର ହାଟପଡ଼ିଆ ଠାରେ ଆୟୋଜିତ ହୋଇଥିଲା ଏକ ବିଶାଳ ଜନସଭା । ଏହି ସଭାରେ ଗାନ୍ଧିଜୀ ଆଶ୍ରମ ପରିଚାଳନା ପାଇଁ କ'ଣ ଭଲମନ୍ଦ ଦିଗ ରହିଛି ସେ ସମ୍ପର୍କରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ଗାନ୍ଧୀ ଦେଇଥିବା ଉଦ୍‌ବୋଧନର ବିବରଣୀ ୧୯୩୪ ମସିହା ଅଗଷ୍ଟ ୩୧ ତାରିଖ 'ହରିଜନ' ପତ୍ରିକା ପ୍ରକାଶ ପାଇଥିଲା । ଆଶ୍ରମରେ ରହଣି ସମୟରେ ସ୍ଥାନୀୟ ଅଂଚଳର ଦୁଇଜଣ ବ୍ୟକ୍ତି ଭୀମ ନାୟକ ଓ ସାଧୁ ବାରିକ ଗାନ୍ଧୀଙ୍କର ସେବାଯତ୍ନ କରିଥିଲେ । ସାଧୁ ଗାନ୍ଧୀଙ୍କ ଦେହରେ ତେଲ ଲଗାଇ ଘଷାମୋଡ଼ା କରିଥିବା ବେଳେ ଭୀମ ତାଙ୍କ ସ୍ନାନ ପାଇଁ ପାଣି ଆଣି ଦେଇଥିଲେ । ଗାନ୍ଧିଜୀ ଏଇ ଦୁଇଜଣ ସେବକଙ୍କର ଉଚ୍ଚପ୍ରଶଂସା କରିଥିଲେ । ସେଇଭଳି ମଇ ମାସ ୨୪ ତାରିଖରେ ଗାନ୍ଧୀ ବହୁକୁଦ ଠାରେ ଥିବାବେଳେ ତାଙ୍କ କ୍ଷୌର ହେବା ଦିନ ପଡ଼ିଥିଲା । ସେଦିନ ନଖୀ ଭଣ୍ଡାରୁଣୀ ନାମକ ଜଣେ ଗ୍ରାମୀଣ ମହିଳା ଆସି ଗାନ୍ଧୀଙ୍କୁ କ୍ଷୌରକର୍ମ କରାଇଥିଲା । ନଖୀ ଓରଫ୍ ଲକ୍ଷ୍ମୀ ଥିଲା ବହୁଗ୍ରାମର ଭାଗୁ ବାରିକ ଓ ମାଧବୀ ବାରିକଙ୍କ ବାଲୁତବିଭା କନ୍ୟା । ଗାନ୍ଧୀଙ୍କୁ କ୍ଷୌର କରିବାକୁ ଆସିଥିବାରୁ ସେ ଗାଁର କିଛି ମହିଳାଙ୍କ ଠାରୁ ମାଗି ଆଣିଥିବା ରୁପାର ଅଳଙ୍କାର ଓ ସୁନା ନାକଫୁଲ ପିନ୍ଧି ଆସିଥିଲା । ଗାନ୍ଧୀଙ୍କୁ କ୍ଷୌର କରିସାରି ସେ ଆଉ ଦୁଇଜଣ ଲୋକଙ୍କର ମଧ୍ୟ କ୍ଷୌର କରିଥିଲା । କିନ୍ତୁ ଗାନ୍ଧୀଙ୍କ ଆହ୍ୱାନରେ ସେ ମାଗି ଆଣିଥିବା ଅଳଙ୍କାର ଓ କ୍ଷୌର କରି ପାଇଥିବା ମଜୁରୀ ଆଣି ଗାନ୍ଧୀଙ୍କ ପାଦତଳେ ଥୋଇଦେଇଥିଲା । ଗାନ୍ଧୀ ଏହି ଗ୍ରାମୀଣ ମହିଳାଟିର ବହୁ ପ୍ରଶଂସା କରିଥିଲେ । ଏହାପରେ ଗାନ୍ଧିଜୀ ଲେଖନପୁର, ସତ୍ୟଭାମାପୁର, ଶିଶୁଆ, ଜିଗ୍ରୀପାଟପୁର, ନିଶ୍ଚିନ୍ତକୋଇଲି, କାକତିଆ, ସଲାର, ବାଲିଆ-ଭାଗବତପୁର, କେନ୍ଦ୍ରାପଡ଼ାର ଗରାପୁର ଓ ବାରିମୂଳ ଦେଇ ଇନ୍ଦୁପୁରଠାରେ ପହଂଚିଥିଲେ।

ଏହିଠାରୁ ବାପୁଜୀଙ୍କର ଯାତ୍ରା ଆରମ୍ଭ ହୋଇଥିଲା ଯାଜପୁରର ବରୀ ଅଂଚଳକୁ । ବ୍ରାହ୍ମଣୀ ନଈର କାଇପଡ଼ା ଘାଟଠାରେ ସେ ବନ୍ଧକୁ ଉଠିଲା ବେଳକୁ ପ୍ରାୟ ୫ ହଜାର ଲୋକ ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ । ଏହାପରେ ପଡ଼ିଥିଲା କଲ୍ୟାଣପୁର ଗାଁ । କିନ୍ତୁ ଏହି ଗାଁଟି ତାଙ୍କ ପଦଯାତ୍ରା ସୂଚୀରେ ନଥିବାରୁ ଗ୍ରାମବାସୀମାନେ କଇଥା ଚମ୍ପାପୁର ଆଶ୍ରମକୁ ଯାଇ କାଇପଡ଼ାଠାରେ ଗାନ୍ଧିଜୀଙ୍କୁ ଅଭିନନ୍ଦିତ କରିବେ ବୋଲି ଅନୁମତି ଆଣିଥିଲେ । ବାପୁ ସେମାନଙ୍କୁ ମାତ୍ର ୧୦ ମିନିଟ ସମୟ ଦେଇଥିଲେ । କଲ୍ୟାଣପୁର ଗାଁରୁ ପ୍ରାୟ ୫୦୦ ମହିଳା ଏକ ଶୋଭାଯାତ୍ରାରେ ୪ ମାଇଲ ବାଟ ଚାଲିଚାଲି ଆସି କାଇପଡ଼ାଠାରେ ଅପେକ୍ଷା କରିଥିଲେ ବାପୁଙ୍କୁ । କଲ୍ୟାଣପୁରବାସୀ ତାଙ୍କ ଅଭିନନ୍ଦନପତ୍ରରେ ଅସ୍ପୃଶ୍ୟତା ସମ୍ପର୍କରେ ଯେଉଁ ବର୍ଣ୍ଣନା କରିଥିଲେ ଗାନ୍ଧୀ ତାହା ଶୁଣି ଆଶ୍ଚର୍ଯ୍ୟ ହେବା ସହିତ ଦୁଃଖିତ ବି ହୋଇଥିଲେ । ଏହି ଅଭିନନ୍ଦନପତ୍ରର ଭାଷା ତାଙ୍କୁ ଏତେ ଅବିଭୂତ କରିଥିଲା ଯେ, ସେ ଏହି 'ଆଦର୍ଶ ଅଭିନନ୍ଦନପତ୍ର'ଟିକୁ ତାଙ୍କର ପ୍ରସିଦ୍ଧ 'ହରିଜନ' ପତ୍ରିକାରେ ମଧ୍ୟ ପ୍ରକାଶିତ କରିଥିଲେ । ଗାନ୍ଧିଜୀଙ୍କର ଏହି ଐତିହାସିକ ଓ ସ୍ମରଣୀୟ ଯାତ୍ରାରେ ସାମିଲ ହୋଇଥିଲେ ଓଡ଼ିଶାର ବହୁ ବିଶିଷ୍ଟ ସଂଗ୍ରାମୀ ଯଥା- ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ବିନୋଦ କାନୁନଗୋ, ଆଚାର୍ଯ୍ୟ ହରିହର, ଗୋଦାବରୀ ଦେବୀ, ମନମୋହନ ଚୌଧୁରୀ, ରାଜକୃଷ୍ଣ ବୋଷ, ଜଗନ୍ନାଥ ଶତପଥୀ, ଶୋଭା ପଣ୍ଡା, ମାଣିକ, ତୁଳସୀଙ୍କ ଭଳି ବହୁ ବିଶିଷ୍ଟ ସଂଗ୍ରାମୀ । ସେମାନଙ୍କ ସହିତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ସଂଗ୍ରାମୀମାନେ ମଧ୍ୟ ଯୋଗଦେଇ ଗାନ୍ଧୀଙ୍କର ଏହି ରଚନାତ୍ମକ କାର୍ଯ୍ୟକ୍ରମର ସାରଥୀ ହୋଇଥିଲେ । ସମୟ ସୁଅରେ ଇତି ମଧ୍ୟରେ ୮୮ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଗାନ୍ଧୀଙ୍କର ସ୍ମୃତି ଓ କୀର୍ତ୍ତିକୁ ବହନ କରୁଥିବା ଯାଜପୁର ମାଟିର ଏହିସବୁ ପୁଣ୍ୟ ପୀଠସ୍ଥଳୀରେ ଆଜି ତାଙ୍କର ପ୍ରତିମୂର୍ତ୍ତିଗୁଡ଼ିକ ଶୋଭାପାଉଛି । ବୈରୀ ରେଳଷ୍ଟେସନ ନିକଟରେ ଗାନ୍ଧୀଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି । ରାଜ୍ୟ ସରକାର ବୈରୀ-ଛତିଆ-ଚମ୍ପାପୁର ରାସ୍ତାକୁ ଗାନ୍ଧୀ ସ୍ମାରକୀ ମାର୍ଗ ଭାବରେ ନାମିତ କରିଛନ୍ତି । ସ୍ଥାନୀୟ ଗାନ୍ଧୀ ସ୍ମାରକୀ ପାଠାଗାର ପକ୍ଷରୁ ପ୍ରତିବର୍ଷ ମଇ ୨୧ ତାରିଖରେ ଗାନ୍ଧୀ ସ୍ମୃତି ପଦଯାତ୍ରା ଓ ସ୍ମୃତିଚାରଣ ସଭାର ଆୟୋଜନ କରାଯାଉଛି । ବୈରୀ ରେଳଷ୍ଟେସନ ଓ କଇଥା-ଚମ୍ପାପୁର ହାଟପଡ଼ିଆଠାରେ ଗାନ୍ଧୀ ସ୍ମୃତିର ସାକ୍ଷୀ ବହନ କରୁଥିବା ଏହି ପୀଠ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ହୋଇରହିଛି।

ଦୂରଭାଷ : ୯୪୩୭୨୨୬୭୯୭

# ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କନ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସ

# ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଏକତା ଦିବସ

**ପାରାଦୀପ, ୨୯।୧୦ (ମହାଭାରତ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜନ୍ମ ଦିବସ ଅବସରରେ ସାରା ଦେଶରେ ଜାତୀୟ ଏକତା ଦିବସ ପାଳନ କରାଯାଉଅଛି । ଅକ୍ଟୋବର ମାସ ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମ ଗ୍ରହଣ କରିଥିଲେ ।

ଚଳିତ ବର୍ଷ ଦୀପାବଳୀ ପର୍ବ ପାଳନ ହେଉଥିବାରୁ ଅକ୍ଟୋବର ମାସ ୨୯ ତାରିଖରେ ଏକତା ପାଇଁ ଗଣ ଦୌଡ ଆୟୋଜନ କରିବାକୁ ମାନନୀୟ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ସେଥିପାଇଁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ଏକତା ପାଇଁ ଗଣ ଦୌଡ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶର ଅଖଣ୍ଡତା, ସୁରକ୍ଷା ଓ ଦୂରଦୃଷ୍ଟି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଏହି ଗଣଦୌଡରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ସମେତ ବନ୍ଦର ଅଧିକାରୀ, କର୍ମଚାରୀ, ସିଆଇଏସଏଫ, ପାରାଦୀପ ମହାବିଦ୍ୟାଳୟ ଓ ମେରିଟାଇମ୍ ଏକାଡେମୀ ଛାତ୍ରମାନଙ୍କ ସମେତ ଗୋପବନ୍ଧୁ ଷ୍ଟାଡିୟମର କ୍ରୀଡାବିତମାନେ ସାମିଲ ହୋଇଥିଲେ ।

## ହାଇକୋର୍ଟରେ ନୟାଗଡ଼ ନିର୍ବାଚନୀ ମାମଲା

# ପୁଣି ସମୟ ନେଲେ ନୟାଗଡ଼ ବିଧାୟକ

**ନୟାଗଡ଼, ୨୯।୧୦ (ମହାଭାରତ):** ହାଇକୋର୍ଟରେ ବିଚାରାଧୀନ ନୟାଗଡ଼ ବିଧାନସଭା ଆସନ ନିର୍ବାଚନୀ ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ହେମନ୍ତ କୁମାର ପୃଷ୍ଟି ଦାୟର କରିଥିବା ଅନ୍ତରୀଣ ଆବେଦନ ଉପରେ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ତରଫରୁ ଲିଖିତ ଆପତ୍ତି ଦାଖଲ କରାଯାଇଛି । ଅନ୍ୟପଟେ ମାମଲାରେ ଜବାବ ଦାଖଲ ପାଇଁ ବିଧାୟକ ଅରୁଣ କୁମାର ସାହୁ ସମୟ ଲୋଡ଼ିଛନ୍ତି । ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ ପାଇଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ତାରିଖରେ ମଧ୍ୟ ହେମନ୍ତ କୁମାର ପୃଷ୍ଟିଙ୍କ ଅନ୍ତରୀଣ ଆବେଦନ ଉପରେ ଶୁଣାଣି ହେବ । ନଭେମ୍ବର ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବିଜେଡି ପ୍ରାର୍ଥୀ ଭାବେ ନୟାଗଡ଼ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଏହି ମାମଲା ଦାୟର କରିଥିଲେ । ଅରୁଣ ଙ୍କ ସତ୍ୟପାଠରେ ସମ୍ପତ୍ତି ସଂକ୍ରାନ୍ତରେ ଠିକ୍ ତଥ୍ୟ ଦେଇ ନଥିଲେ । ଏଥି ସହିତ ଅରୁଣଙ୍କ ନାମାଙ୍କନପତ୍ର ରିଟର୍ଣ୍ଣିଂ ଅଫିସର୍ ବେଆଇନ ଭାବେ ଗ୍ରହଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ, ପ୍ରତିପକ୍ଷ ଅରୁଣ କୁମାର ସାହୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି ।

## ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନାଁରେ ସାଙ୍ଘାତିକ ଅଭିଯୋଗ

# ଅସ୍ତ୍ରୋପଚାର ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିବା ଅଭିଯୋଗ

**ଅନୁଗୋଳ, ୨୯।୧୦ (ମହାଭାରତ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ପୁଣି ଏକ ସାଂଘାତିକ ଅଭିଯୋଗ ଆସିଛି । ଜଣେ ଗର୍ଭବତୀ ମହିଳାଙ୍କ ସ୍ୱାମୀଙ୍କ ଠାରୁ ୱାର୍ଡରେ ଥିବା ଜଣେ ମହିଳା ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସିଡିଏମ୍ଓଙ୍କୁ ଲିଖିତ ଅଭିଯୋଗ ହୋଇଥିବା କରିଛନ୍ତି । ସୂଚନା ଯେ, ଅନୁଗୋଳ ଜିଲ୍ଲା ସମଲ ଥାନା ଟିପୋ ଗାଁର ନାରାୟଣ ମହାପାତ୍ରଙ୍କ ପତ୍ନୀ ମାଳତି ମହାପାତ୍ର ଗର୍ଭ ଯନ୍ତ୍ରଣା ପାଇବାରୁ ତାଙ୍କୁ ଗତ ୨୧ ତାରିଖରେ ତାଳଚେର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ସେଠାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳତିଙ୍କୁ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ଉଚ୍ଚ ରକ୍ତଚାପ ଅଧିକ ଥିବା ଦର୍ଶାଇ କଟକ ନେଇଯିବାକୁ ପରାମର୍ଶ ଦିଆଯାଇଥିଲା । ନାରାୟଣ ଜଣେ ଗରିବ ଲୋକ ହୋଇଥିବାରୁ ପତ୍ନୀଙ୍କୁ କଟକ ନେଇପାରିବେ ନାହିଁ ବୋଲି କହିଥିଲେ ।

ଏଠାରେ ତାଙ୍କ ପତ୍ନୀଙ୍କର ଅସ୍ତ୍ରୋପଚାର କରାଯିବାକୁ ନାରାୟଣ ଅନୁରୋଧ କରିଥିଲେ । ଚିକିତ୍ସାଳୟର ୱାର୍ଡରେ ଥିବା ଜଣେ ମହିଳା ତାଙ୍କ ପତ୍ନୀଙ୍କର ସୁରକ୍ଷିତ ଅସ୍ତ୍ରୋପଚାର ପାଇଁ ୫ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ । ନାରାୟଣଙ୍କ ପାଖରେ ମୋଟ ସେତିକି ଟଙ୍କା ରହିଛି ବୋଲି ସେ କହିବା ପରେ ମଧ୍ୟ ମହିଳା ଜଣକ କିଛି ଶୁଣିନଥିଲେ ଓ ତାଙ୍କଠାରୁ ୫ ହଜାର ଟଙ୍କା ନେଇଥିଲେ । ଟଙ୍କା ନେବାପରେ ତାଙ୍କ ପତ୍ନୀଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଓ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି ବୋଲି ନାରାୟଣ କହିଛନ୍ତି । ଏହାପରେ ନାରାୟଣ ପତ୍ନୀ ଓ ପୁଅଙ୍କୁ ଧରି ଘରକୁ ଫେରିବାକୁ ତାଙ୍କ ପାଖରେ ଟଙ୍କାଟିଏ ମଧ୍ୟ ନଥିଲା । ଏଥିଯୋଗୁଁ ସେ ଚିନ୍ତାରେ ପଡ଼ିଥିଲେ । ସ୍ୱଚ୍ଛାସେବୀ କିନ୍ନର ଚିନ୍ମୟୀ ଦାସ ଏହି ଘଟଣାରେ ହସ୍ତକ୍ଷେପ କରିବା ପରେ ନାରାୟଣ ପତ୍ନୀ, ପୁଅଙ୍କୁ ଧରି ଘରକୁ ଫେରିବାକୁ ସିଡିଏମ୍ଓ ଗାଡ଼ି ବ୍ୟବସ୍ଥା କରିଥିଲେ । ଏହି ଘଟଣା ସମ୍ପର୍କରେ ନାରାୟଣ ସିଡିଏମ୍ଓଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି । ଏ ଘଟଣା ବିଷୟରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇ ପାରିଲା ନାହିଁ । ଯାହା ଫଳରେ ପ୍ରକୃତ ଘଟଣା ବିଷୟଟି ଜଣା ପଡିଲା ନାହିଁ । ଏବେ ଦେଖିବାକୁ ବାକି ରହିଲା ଯେ, ଚିକିତ୍ସାଳୟ କର୍ତ୍ତୃପକ୍ଷ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

# ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଉପଲକ୍ଷେ ପଥ ଉତ୍ସବ

**ପାରଳାଖେମୁଣ୍ଡି, ୨୯।୧୦ (ମହାଭାରତ):** ଜିଲ୍ଲାସ୍ତରୀୟ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଉପଲକ୍ଷେ ଆଜି ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପଥ ଉତ୍ସ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ୱାକଥାନ୍ ଓ ପଥ ଉତ୍ସବ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳ। ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ୱାକଥନ୍ ସଚେତନତା ରାଲୀ ଅନୁଷ୍ଠିତ ହୋଇଥିଲା । ଏହି ରାଲୀ କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହେଉଥିବା ପଥ ଉତ୍ସରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡ଼.ଗୁଣନିଧି ନାକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ନିର୍ବାହୀ ଅଧିକାରୀ ପୌରପରିଷଦ ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଦିଲ୍ଲୀପ କୁମାର ବେହେରା,ଡେପୁଟି କଲେକ୍ଟର ଶ୍ରୀ ପ୍ରାନକୃଷ୍ଣ ପ୍ରାଣିଗ୍ରହୀ, ସ୍ଥାନୀୟ ତହସିଲଦାର ନାରାଣ ବେହେରା ପ୍ରମୁଖ ମଞ୍ଚାସିନଥିଲେ ।

ଏହି ପଥ ଉତ୍ସବର ଉଦ୍ଦେଶ୍ୟ ହେଲା ଯେଉଁ ନାଗରିକଙ୍କ ବାସ ୧୮ ବର୍ଷ ହେଉଥିବ ସେମାନେ ସ୍ଥାନୀୟ ବିଏଲଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଅନଲାଇନ୍ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ବୋଲି କହିଥିଲେ । ଏହା ସହିତ ସଚେତନତା ମାଧ୍ୟମରେ ନାଗରିକଙ୍କ ନିକଟରେ ଭୋଟର ତାଲିକା ସଂଶୋଧନ, ନୂତନ ପଞ୍ଜିକରଣ, ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା, ଏକାଧିକ ଥର ନାମ ପଞ୍ଜିକରଣ ହୋଇଥିଲେ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟତ୍ର ବାଦ୍ ଦେବା ଆଦି କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପରେ ପରେ ବିଭିନ୍ନ ଅନୁଷ୍ଠାନ କଳାକାର ତଥା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜିଲ୍ଲାର ମୋହନା ନିର୍ବାଚନ ମଣ୍ଡଳୀର ୨ ଜଣଙ୍କୁ ବେଷ୍ଟ୍ ବିଏଲ୍ଓ ଓ ସୁପରଭାଜର ଭାବରେ ଓ ପାରଳାଖେମୁଣ୍ଡି ନିର୍ବାଚନୀ ମଣ୍ଡଳୀର ୨ ଜଣଙ୍କୁ ବେଷ୍ଟ ବିଏଲଓ ଭାବରେ ପୁରସ୍କୃତ କରଯାଇଛି । ସେହିପରି ୨ ଜଣ ବରିଷ୍ଠ ନାଗରିକଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ମହାବିଦ୍ୟାଳୟର ସ୍ତରରେ ଭୋଟର ସଚେତନତା ପାଇଁ ସୋସିଆଲ ମିଡିଆ ପ୍ରତିଯୋଗିତାରେ ୩ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି ।

ଆଜିର ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଶ୍ରୀମତୀ ସୁଚିସ୍ମିତା ମାଝୀ, ଲିପୀନା ଦାଶ,କଶ୍ୟାପି ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପାରାଦୀପ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

**ପାରାଦୀପ, ୨୯।୧୦ (ମହାଭାରତ):** ପାରାଦୀପ ରିଫାଇନାରୀ ପକ୍ଷରୁ ସୋମବାର ଦିନ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁ କର୍ମଚାରୀମାନଙ୍କୁ ନିଜ ଜୀବନରେ ସଚ୍ଚୋଟତା ଏବଂ ସତ୍ୟନିଷ୍ଠା ଜାଗ୍ରତ କରିବାକୁ ଅନୁରୋଧ କରିଥିଲେ । ଏକ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି ପାଇଁ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରଣାଳୀ ଏବଂ ପାରସ୍ପରିକ ବିଶ୍ୱାସ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସତର୍କତା ସଚେତନତା ସପ୍ତାହର ପୋଷ୍ଟର ଗୁଡିକ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁ ଉନ୍ମୋଚନ କରିଥିଲେ । ସପ୍ତାହ ବ୍ୟାପୀ ଉତ୍ସବ ସମୟରେ ସତ୍ୟନିଷ୍ଠାର ସଂସ୍କୃତିରେ ରାଷ୍ଟ୍ରର ସମୃଦ୍ଧିର ବାର୍ତ୍ତା ପ୍ରଚାର କରିବା ପାଇଁ ପଥପ୍ରାନ୍ତ ନାଟକ, ୱାକଥନ୍,ବିଜିନେସ୍ ଆସୋସିଏଟ୍ସ ମିଟ୍, ଚିତ୍ରକଳା ଏବଂ ସ୍ଲୋଗାନ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ ସଚେତନତା କରିବା ପାଇଁ ଯୋଜନା ରହିଥିବା ପ୍ରେସ୍ ଇଷ୍ଟାହାରରୁ ଜଣାପଡିଛି ।

# କୁଆଳୋ ଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପର ଭୂମି ପୂଜନ

**ପରଜଙ୍ଗ, ୨୯।୧୦ (ମହାଭାରତ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କୁଆଳୋ ପଞ୍ଚାୟତ ଅନ୍ତର୍ଗତ ବାଘୁଆ ଗାଁ ଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଏବଂ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ନି ରାଉତ ପ୍ରମୁଖ ଯୋଗଦାନ କରିଥିଲେ । ରେଙ୍ଗାଳି ବାମ ପାର୍ଶ୍ୱ କେନାଲରେ ଆରମ୍ଭ ହେବାକୁ ଥିବା ଏହି ମେଗା ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଆଖ ପାଖ ଅଂଚଳର ପ୍ରାୟ ୨୬ ଗୋଟି ଗାଁ ଉପକୃତ ହେବା ସହ ଚାଷ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟି ହେବ ବୋଲି ବିଧାୟକ ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ କହିଥିଲେ । ୧୯୯୮ ମସିହାରେ ପରଜଙ୍ଗ ଅଞ୍ଚଳବାସୀ ନିଜର ହଜାର ହଜାର ହେକ୍ଟର ଚାଷ ଜମି ହରାଇଥିଲେ ସୁଦ୍ଧା ଜମିକୁ ଜଳ ବୁନ୍ଦାଏ ପାଇ ପାରିନଥିଲେ । ତେବେ ଚାଷୀ ଭାଇ ମାନଙ୍କର ଚାଷର ସୁବିଧା ପାଇଁ ମୋହନ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି । ଆଗାମୀ ଦିନରେ ଉଭୟ ରବି ଓ ଖରିଫ ଋତୁରେ ଅଂଚଳରେ ଭଲ ଫସଲ ହେବା ସହ ଚାଷୀ ଭାଇ ମାନେ ଏହି ଉଠା ଜଳସେଚନ ଦ୍ୱାରା ଲାଭବାନ ହୋଇ ପାରିବେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିହାରିକା ପଣ୍ଡା, ପରଜଙ୍ଗ ସରପଞ୍ଚ ଅଜିତ କୁମାର ସାହୁ, ଅନିଲ ଭୁଡିଆ, ପୂର୍ବତନ ଜିଲ୍ଲାପରିଷଦ ଶରତ ଚନ୍ଦ୍ର ସାହୁ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ ।

# ଖୁବଶୀଘ୍ର ଆରମ୍ଭ ହେବ ଫ୍ଲାଏ ଓଭରବ୍ରିଜ

**ବିଷମ କଟକ, ୨୯।୧୦ (ମହାଭାରତ):** ବିଷମକଟକ ଠାରୁ କଲ୍ୟାଣ ସିଙ୍ଗପୁର ଯିବା ପାଇଁ ବୃନ୍ଦାବାଡ଼ି ଦେଇ ଯିବା ରେଳ ଲାଇନ ଉପର ଦେଇ ଯିବାକୁ ପଡୁଥିଲା ଏହି ରେଳ ଲାଇନ୍ ଦେଇ କେବଳ ବାଇକ ଓ ଛୋଟ ଗାଡି ଯିବା ବେଳେ ବଡ଼ ଗାଡି ଯିବା ସମ୍ଭବ ପର ନଥିଲା । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଏପରି ସମସ୍ୟାକୁ ଦୃଷ୍ଟିରେ ରଖି ଏଠାରେ ବ୍ରିଜ ନିର୍ମାଣ ପାଇଁ ସାଂସଦ ସପ୍ତଗିରି ଉଲ୍ଲାକା ଲୋକସଭାରେ ବାରମ୍ବାର ପ୍ରସ୍ତାବ ଦେଇ ସ୍ୱର ଉତ୍ତୋଳନ କରୁଥିଲେ ।

ଯାହା ଫଳରେ ସେଠାରେ ଓ ମଝିଆ ଳାମ ଠାରେ ପ୍ରାୟ ୯.୬୭ କୋଟି ବ୍ୟୟରେ ରେଳ ବିଭାଗ ଦ୍ୱାରା ଦୁଇଟି ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଖୁବ୍ ଶୀଘ୍ର କାମ ଆରମ୍ଭ ହେବାକୁ ଯାଉଛି ଓ ଏଥିପାଇଁ ଆଜି ସଂସଦ ସେଇ ସ୍ଥାନ ସବୁ ଗସ୍ତ କରି ଶୁଭ ଦେଇଛନ୍ତି । ସେତୁ ନିର୍ମାଣ ଦ୍ୱାରା ବିଷମକଟକ ଠାରୁ ସିଙ୍ଗପୁର ଓ ସିକରପାଇ ଦୂରତା କମିବା ନେଇ ସାଂସଦର ଏପରି ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ତାଙ୍କର ଏହି ଗସ୍ତ ସମୟରେ ବିଷମକଟକ ବିଧାୟକ ନୀଳମାଧବ ହିକକା , ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଓ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ ।

# ମହିଳା ସଂଗଠନ ପକ୍ଷରୁ ଦ୍ୱିତୀୟ ଫସଲକୁ ନେଇ ସାମ୍ବାଦିକ ସମ୍ମିଳନୀ

**ଦେବଗଡ, ୨୯।୧୦ (ମହାଭାରତ):** ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର ମହିଳା ଜନ କଲ୍ୟାଣ ସଙ୍ଗଠନ ପକ୍ଷରୁ ମହିଳା ଚାଷୀଙ୍କୁ ନେଇ ଦ୍ୱିତୀୟ ଫସଲ ନେଇ ଏକ ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗତ ମାସ ଓଡିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ଓ ମାହିଳା କଲ୍ୟାଣ ସଂଗଠନ ଦେବଗଡ ଜିଲ୍ଲା ପକ୍ଷରୁ ଏକ ବ୍ଲକସ୍ତରୀୟ କୃଷକ ମେଳା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଧାନ ଚାଷ ଉପରେ ପଡ଼ିଆ ରହୁଥିବା ଜମିଗୁଡିକରେ କିପରି ସମସ୍ତ ଚାଷୀ ଦ୍ୱିତୀୟ ଫସଲରେ ଡାଲି ଜାତୀୟ ଫସଲ କମ ଖର୍ଚ୍ଚରେ ଚାଷକରି ଅଧିକ ଲାଭବାନ ହେବା ସହିତ ପୁଷ୍ଟିଯୁକ୍ତ ଖାଦ୍ୟ ଓ ଜମିର ଉର୍ବରତା ବୃଦ୍ଧି ଆଗାମୀ ଦିନରେ ଦେଶୀ ବିହନ କିପରି ସଂରକ୍ଷଣକରି ଗଚ୍ଛିତ ରଖି ପାରିବେ ଏ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା ।ଏବଂ ଦ୍ୱିତୀୟ ଫସଲ ପାଇଁ ଜଳ ସେଚନର ସୁବିଧା ସହ ସରକାରଙ୍କ ପକ୍ଷରୁ ଆସୁଥିବା ମାଗଣା ବିହନ ଅକ୍ଟୋବର ମାସ ଦ୍ୱିତୀୟ ସପ୍ତାହ ପୂର୍ବରୁ ଯୋଗାଇଦେବା ନେଇ ବ୍ଲକ ତଥା ଜିଲ୍ଲା କୃଷିବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ଏବଂ ପର୍ଯ୍ୟାପ୍ତ ଜଳସେଚନର ଅଭାବ ତଥା ସଚେତନତା ଅଭାବରୁ ଖରିଫ ଋତୁରେ ଧାନ ଚାଷ ପରେ କୃଷକ ଦ୍ୱିତୀ

# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ବୁଧବାର ୩୦ ଅକ୍ଟୋବର ୨୦୨୪




## ବିଶ୍ୱ ଷ୍ଟ୍ରୋକ ନିରାକରଣ ଦିବସ ପାଳନ

ଦେବଗଡ଼, ୨୯।୧୦(ମହାଭାରତ): ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହ ଠାରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଶ୍ୱମୋହନ ମିଶ୍ର ଙ୍କ ଅଧକ୍ଷତାରେ ବିଶ୍ୱ ଷ୍ଟ୍ରୋକ ନିରାକରଣ ଦିବସ ପାଳନ କରାଯାଇଅଛି । ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମିଶ୍ର, ତାଙ୍କ ବକ୍ତବ୍ୟ ରେ ଷ୍ଟ୍ରୋକ କଣ , ଏହା କିପରି ହୁଏ ଏବଂ ଏହାର ଲକ୍ଷଣ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ । ରୋଗକୁ ରୋକିବାକୁ ହେଲେ ପ୍ରତ୍ୟେକ ଦନ ବ୍ୟାୟାମ, ସୁସ୍ଥ ଜୀବନ ଶୈଳୀ, ତମ୍ବାଖୁ ବର୍ଜନ ଉପରେ ଆଲୋକପାତ କରିଥିଲେ । ଏହା ସମ୍ପୂର୍ଣ ନିରାକରଣ ହୋଇପାରୁଥିବା ରୁ ରୋଗୀ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟ ସାଧ,ଏହି ରୋଗରୁ ବର୍ତିବା ପାଇଁ ଚଲିଶ ବର୍ଷରୁ ଉର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିତ୍ୟାନ୍ତ ଆବଶ୍ୟକ ବୋଲି ବୁଝାଇ କହିଥିଲେ । ତେଣୁ ଏହି ବାର୍ତ୍ତା କୁ ତୃଣ ମୂଳ ସ୍ତରରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଅବଗତ କରିଥିଲେ ।ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଭାତ ଓଝା, ଡ଼ା ବଂଶୀଧର ପାତ୍ର,ଡ଼ା ମନୋରଞ୍ଜନ ସାମଲ , ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ, ଏ ଏନ ଏମ ଟି ସି ର ଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ଭାରପ୍ରାପ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରାଇଥିବା ବେଳେ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ଅମିୟ ଦାସ, ଡି ଇ ଓ ମିଲି ବିଶ୍ୱାଳ, ସହଯୋଗ କରିଥିଲେ ରିପୋର୍ଟ ସୁଦାମ ବେହେରା ।

## ବିଦ୍ୟୁତ ଖୁଣ୍ଟ ବଦଳରେ କାଠ ଖୁଣ୍ଟରେ ବନ୍ଧା ହୋଇଛି ବିଜୁଳି ତାର

### ଅଭିଯୋଗ କଲେ ଶୁଣୁନାହାନ୍ତି ବିଦ୍ୟୁତ କର୍ମଚାରୀ

କୋକସରା, ୨୯।୧୦ (ମହାଭାରତ): କୋକସରା ବ୍ଲକ ବଡପୋଡ଼ାଗୁଡା ଗ୍ରାମ ପଞ୍ଚାୟତ ରଏନଗୁଡା ପ୍ରାଥମିକ ବିଦ୍ୟାଳୟ ନିକଟରେ ଦୀର୍ଘଦିନ ହେଲା ବିଦ୍ୟୁତ ଖୁଣ୍ଟ ବଦଳରେ ଏକ କାଠ ଖୁଣ୍ଟ ପୋତି ବିଦ୍ୟୁତ ତାର ସଂଯୋଗ କରି ଗ୍ରାମର ବନ୍ଧପଡ଼ା ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କରାଯାଇଛି । କେତେ ବେଳେ ଯେ କାହାରି ଉପରେ କାଠ ଖୁଣ୍ଟ ଏବଂ ବିଦ୍ୟୁତ ତାର ଛିଣ୍ଡି ପଡ଼ିଯିବ କିଛି କହିହେବ ନାହିଁ । ଏହା ସମ୍ପୂର୍ଣ୍ଣ ରୂପେ ବିପଦକୁ ଆମନ୍ତ୍ରଣ କରୁଛି । ଏହି ରାସ୍ତା ଦେଇ ନିତି ଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ସହିତ ଲୋକେ ଯାତାୟତ କରିଥାନ୍ତି ପୁଣି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନେ ଏଠାକୁ ନିୟମିତ ଆସିଥାନ୍ତି । ହେଲେ ବିଦ୍ୟୁତ ବିଭାଗ ଆଖିରେ ଅନ୍ଧପୁତୁଳି ବାନ୍ଧିଲା ଭଳି ଜାଣି ପାରୁନାହୁଁ ଗ୍ରାମ ବାସୀ ମାନେ ବିଦ୍ୟୁତ ବିଭାଗକୁ ଅନେକ ଥର ଜଣାଇଲେ ଶୁଦ୍ଧା ବିଭାଗୀୟ କର୍ମଚାରୀ ମାନେ ଏଦିଗରେ କୌଣସି ତତ୍ପରତା ଦେଖାଉ ନାହାନ୍ତି ଯାହାଫଳରେ ଲୋକେ ସଦାସର୍ବଦା ବିପଦ ଆଶଙ୍କାରେ ଭୟଭୀତ ହୋଇ ରହିଛନ୍ତି । ଏଣୁ ବିଦ୍ୟୁତ ବିଭାଗ ଏ ଦିଗରେ ତୁରନ୍ତ ଦୃଷ୍ଟି ଆକର୍ଷଣ କରି କାଠ ଖୁଣ୍ଟ ବଦଳରେ ଏକ ନୂତନ ବିଦ୍ୟୁତ ଖୁଣ୍ଟ ପୋତି ବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଆଇନସେବା ପ୍ରାଧିକାରଣ ବିଷୟରେ ସଚେତନତା କାର୍ଯ୍ୟକ୍ରମ

ବାଣପୁର, ୨୯।୧୦( ମହାଭାରତ): ତାଲୁକ ଆଇନ ସେବା ସମିତି,ବାଣପୁର ପକ୍ଷରୁ ଗୋଦାବରୀଶ ବିଦ୍ୟାପୀଠ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦୋନୀ ବିଚାରପତି ଅମରେଶ ମହାପାତ୍ର ଅନ୍ୟମାନଙ୍କ ମଧ୍ୟରେ ବାଣପୁର କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ, ବରିଷ୍ଠ ଆଇନଜୀବୀ ବିପ୍ଳବ କୁମାର ମୁଦୁଲି, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପ୍ରଧାନ ଆଦି ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ଦୋନୀ ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଇନ ସେବା ପ୍ରାଧିକରଣ ଏବଂ ତାହାର କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ । ଆଇନସେବା ପାଇବା ପାଇଁ ଯୋଗ୍ୟ ହିତାଧିକାରୀ, ବିଭିନ୍ନ ପ୍ରକାର ଆଇନସେବା ଯଥା ଆଇନ ପରାମର୍ଶ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଫଇସଲା, ଯୋଗ୍ୟ ହିତାଧିକାରୀଙ୍କ ପାଇଁ ମାଗଣାରେ ଓକିଲ ନିଯୁକ୍ତି ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମିଳିବାକୁ ଥିବା ଆଇନଗତ ସାହାଯ୍ୟ ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀ ମୁଦୁଲି ଯିଏକି ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର, ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାପାଇଁ ଉପଦେଶ ଦେବା ସହ ଶିକ୍ଷାଧିକାର ଆଇନ, ପୀଡ଼ିତା କ୍ଷତିପୂରଣ ଆଇନ ବିଷୟରେ ବୁଝାଇଥିଲେ । ପରିଶେଷରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୯।୧୦(ମହାଭାରତ): ଭାରତ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶା ଙ୍କ ନିର୍ଦ୍ଦେଶକ୍ରମେ ଆଜି ସ୍ୱତନ୍ତ୍ର ସଂକ୍ଷିପ୍ତ କାର୍ଯ୍ୟକ୍ରମ ୨୦୨୫ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାର ସଚିନ ପ୍ରକାଶ ପତାକା ଦେଖାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ପଥ ଉତ୍ସବର ଶୁଭାରମ୍ଭ କରିଥିଲେ । ପଥ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା କାରାଗାର ଛକ, ନୂଆ ବସଷ୍ଟାଣ୍ଡ, ଘୋଡାଘାଟ ଛକ, ପୁରୁଣା ବସଷ୍ଟାଣ୍ଡ ଦେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ତନ୍ମୟ କୁମାର ଦରାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅଧିକାରୀ କସ୍ତୁରୀ ପଣ୍ଡା, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ପିଡିତୁଜା ମୁନୀନ୍ଦ୍ର ହୋନନାଗା, ଡି. ଡି., ଡି ପି ଏମ ୟୁ, ଶ୍ରୀକାନ୍ତ ଦଳେଇ, ଡି ଏସ ଆର ଦିପ୍ତିମୟୀ ପ୍ରଧାନ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାସ ମହାନନ୍ଦିଆ, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟସମ୍ପର୍ଣ୍ଣା ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ , ବିଦ୍ୟାଳୟ, ମହାବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

ଏହି ଅବସରେ ଭାରତ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିବାଚର୍ନ ଅଧିକାରୀ ଓଡ଼ିଶା ଙ୍କ ନିର୍ଦ୍ଦେଶକ୍ରମେ ଆଜି ୨୯.୧୦.୨୦୨୪ ରିଖ ଦିନ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନର ଡ୍ରାଫ୍ଟ ରୋଲ ପ୍ରକାଶିତ କରାଗଲା, ଏହି ଡ୍ରାଫ୍ଟ ରୋଲ କଳାହାଣ୍ଡି ଜିଲ୍ଲାର ପାଞ୍ଚ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀର ୧୪୧୩ ଟି ବୁଥ ( ପୋଲିଂ ଷ୍ଟେସନ୍ ) ରେ ପ୍ରକାଶିତ କରାଯାଇଛି । ସମସ୍ତ ବୁଥ ପାଇଁ ଜଣେ ଜଣେ ବୁଥ ଲେଭେଲ ଅଧିକାରୀ ନିଯୁକ୍ତି କରାଯାଇଅଛି । ଯେଉଁ ମାନେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିଯୋଜିତ ହୋଇଛନ୍ତି ନୂତନ ଭାବରେ ଭୋଟ ଦାତା ହେବାକୁ ଥିବା ଯୋଗ୍ୟ ବ୍ୟକ୍ତି ଫର୍ମ ନମ୍ବର ୬ ରେ ଆବେଦନ କରିପାରିବେ, ବାଦ ପାଇଁ ଫର୍ମ ନମ୍ବର ୭ ଏବଂ ସଂଶୋଧନ ପାଇଁ ଫର୍ମ ନମ୍ବର ୮ ରେ ଆବେଦନ କରିପାରିବେ ଆବେଦନ ପାଇଁ ନିର୍ବାଚନ ଆୟୋଗ ୪ ଟି ସ୍ତନ୍ତ୍ର ପ୍ରଚାର ଦିବସ ନିର୍ଦ୍ଧାରଣ କରିଛନ୍ତି : ଯଥା ନଭେମ୍ବର ଏକ ତାରିଖ, ଦସ ତାରିଖ, ଷୋହଳ ତାରିଖ ଓ ଚବିଶ ତାରିଖ ଏହି ଦିନ ମାନଙ୍କରେ ବୁଥ ଲେଭେଲ ଅଧିକାରୀମାନେ ନିଜ ନିଜ ବୁଥରେ ରହିବେ ଓ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କ ଠାରୁ ଫର୍ମ ସଂଗ୍ରହ କରିବେ ଏହା ବ୍ୟତୀତ ଯୋଗ୍ୟ ବ୍ୟକ୍ତି ଭୋଟର ହେଲ୍ପଲାଇନ ଆପ ଏବଂ ଜନସେବା କେନ୍ଦ୍ରରେ ଅନଲାଇନ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାରେ ପଥ ଉତ୍ସବ ଓ ଆକଟନ କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଥିଲା । ଏଥି ପାଇଁ ଜିଲ୍ଲା ମହାକୁମା ଠାରେ ରଙ୍ଗୋଲୀ ପ୍ରତିଯୋଗିତା, ବାଲୁକା କଳା ପରିଦର୍ଶନ, ସଚେତନତା କେନ୍ଦ୍ର, ସେଲଫି ପଏଣ୍ଟ ଓ ସାସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବକୃତା, ଚିତ୍ରାଙ୍କନ ଓ ରଙ୍ଗୋଲୀ ପ୍ରତିଯୋଗିତା କରାଯାଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ଆଜି ଉତ୍ସବରେ ପୁରସ୍କୃତ କରାଯାଇଥିଲା । ଏହି କ୍ରମରେ ନିର୍ବାଚନ ଆୟୋଗ ସୋସିଆଲ ମିଡିଆ କନଟେଷ୍ଟ ଲଞ୍ଚ କରିଛନ୍ତି , ଯେଉଁଥିରେ ଅଠର ବର୍ଷ କିମ୍ବା ଅଠର ବର୍ଷରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି ନିଜେ ରୀଲ ତିଆରି କରି ଡିଷ୍କ୍ରି ସୋସିଆଲ ମିଡିଆ ହେଣ୍ଡେଲ ଏବଂ ସିଇଓ ଓଡ଼ିଶା ରେ ଟ୍ୟାଗ କରିପାରିବେ । ଜିଲ୍ଲାର ସମସ୍ତ ଜନସାଧାରଣ ବିଶେଷ କରି ଯୁବ ଭୋଟର ସଚେତନ ହୋଇ ଭୋଟର ତାଲିକାରେ ପଞ୍ଜୀକରଣ କରି ଗଣତନ୍ତ୍ରର ଏହି ବୃହତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ସୁଦୃଢ ଓ ବିକଶିତ ରାଷ୍ଟ୍ର ଗଠନରେ ଭାଗୀଦାର ହେବା ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆହ୍ୱାନ ଦେଇଥିଲେ ।

## ଦୁଇ ଦିନରେ ଦୁଇଟି ବାଇକ୍ ଚୋରି

ବିଷମ କଟକ, ୨୯।୧୦(ମହାଭାରତ) ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଦୁର୍ଗା ଓ କୁମ୍ଭାରଡାମୁଣି ଅଞ୍ଚଳରେ ଦୁଇ ଦିନରେ ଦୁଇଟି ବାଇକ୍ ଚୋରି ହୋଇଥିବା ଜଣାପଡିଛି । ରବିବାର ରାତ୍ର ସମୟରେ ଦୁର୍ଗା ଗ୍ରାମ ସତ୍ୟ ନାରାୟଣ କୈବର୍ତ୍ତ ଙ୍କ ଘରୁ ଗାଡ଼ି ଚୋରି ହୋଇଛି । ଚୋର ସିଗି ଟିଭିରେ ରେ କାୟଦ୍ ହୋଇଥିବା ବେଳେ ଆଜି କୁମ୍ଭାର ଡାମୁଣି ର ପ୍ରଶାନ୍ତ କୁମାର ପାଢି ଙ୍କ ଗାଡ଼ି ଚୋରି ହୋଇଛି ଯାହା କୁ ନେଇ ଉଭୟ ବିଷମ କଟକ ଥାନାରେ ରିପୋର୍ଟ ଦେଇଛନ୍ତି । ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଖୁପ୍ ଶୀଘ୍ର ଚୋରକୁ ଧରାଜିବା ନେଇ ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଉଛନ୍ତି ।

## ସବ୍ ଇନ୍ସପେକ୍ଟର ଦେବଯାନୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ

ହାଟଡିହି, ୨୯।୧୦: ହାଟଡିହି ପୋଲିସ ଅଧିକାରୀ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ କୁ ପାଳିତହାଟଡିହି ଗ୍ରାମ ପୋଲିସ ବିଭାଗ କର୍ଯ୍ୟରତ ପିତାମ୍ବର ଜେନା ଙ୍କ ର ସହ ଧର୍ମିଣି ଥିଲେ । ପୋଲିସ ବିଭାଗ ରେ କାର୍ଯ୍ୟରତ ଥିବା ବେଳେ ଶାରୀରିକ ଅସୋ ପ୍ରଚାର ଯୋଗୁ ରୋଗ ରେ ଆକ୍ରାନ୍ତ ହୋଇ ପ୍ରାଣ ହାନି ଘଟିଥିଲା ତାଙ୍କର ମଙ୍ଗଳ ବାର ଦିନ ଥିଲା । ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଯାହାକୁ ନେଇ ପିତମ୍ବର ବିଷ୍ଣୁପ୍ରିୟା ବାଳା ଆଶ୍ରମ ରେ ରହୁ ଥିବା ଛାତ୍ର ମାନଂକ ସହ ଅନ୍ତେବାସୀ ଙ୍କୁ ଫଳ ଏବଂ ସକାଳ ର ଖାଦ୍ୟ ପ୍ରଧାନ କରିଥିଲେ । ଏହି ସମୟରେ ମା ତାରିଣି ସେବା ସଂସ୍ଥା ର ସମସ୍ତ ସଦସ୍ୟ ମାନଙ୍କ ସହ ପିତାମ୍ବର ଙ୍କ ପରିବାର ବର୍ଗ, ସାଙ୍ଗ ସାଥି ଉପସ୍ଥିତ ରହିଥିଲେ ।

## ମେଗା ଉଠା ଜଳସେଚନ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ

ପରଜଙ୍ଗ, ୨୯।୧୦(ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କୁଆଳୋ ପଞ୍ଚାୟତ ଅନ୍ତର୍ଗତ ବାଘୁଆ । ଗାଁ ଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଏବଂ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱନି ରାଉତ ପ୍ରମୁଖ ଯୋଗଦାନ କରିଥିଲେ । ରେଙ୍ଗାଳି ବାମ ପାଶ୍ୱ କେନାଲରେ ଆରମ୍ଭ ହେବାକୁ ଥିବା ଏହି ମେଗା ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଆଖ ପାଖ ଅଂଚଳର ପ୍ରାୟ ୨୬ ଗୋଟି ଗାଁ ଉପକୃତ ହେବା ସହ ଚାଷ କ୍ଷେତ୍ରରେ ନୂଆ । ଦିଗନ୍ତ ସୃଷ୍ଟି ହେବ ବୋଲି ବିଧାୟକ ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ କହିଥିଲେ ।

୧୯୯୮ ମସିହାରେ ପରଜଙ୍ଗ ଅଞ୍ଚଳବାସୀ ନିଜର ହଜାର ହଜାର ହେକ୍ଟର ଚାଷ ଜମି ହରାଇଥିଲେ ସୁଦ୍ଧା ଜମିକୁ ଜଳ ବୁଦାଏ ପାଇ ପାରିନଥିଲେ ତେବେ ଚାଷୀ ଭାଇ ମାନଙ୍କର ଚାଷର ସୁବିଧା ପାଇଁ ମୋହନ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି ଆଗାମୀ ଦିନରେ ଉଭୟ ରବି ଓ ଖରିଫ ଋତୁରେ ଅଂଚଳରେ ଭଲ ଫସଲ ହେବା ସହ ଚାଷୀ ଭାଇ ମାନେ ଏହି ଉଠା ଜଳସେଚନ ଦ୍ୱାରା ଲାଭବାନ ହୋଇ ପାରିବେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିହାରିକା ପଣ୍ଡା , କୁଆଳୋ ସରପଞ୍ଚ ଅଜୁ କୁମାର ସାହୁ,ଅନିଲ ଭୁତିଆ,ପୂର୍ବତନ ଜିଲ୍ଲାପରିଷଦ ଶରତ ଚନ୍ଦ୍ର ସାହୁ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଠାକୁରମୁଣ୍ଡା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଉଦଯାପିତ

କରଞ୍ଜିଆ, ୨୯।୧୦(ମହାଭାରତ): ଠାକୁରମୁଣ୍ଡା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୪ ' ସରକାରୀ ଉ ପ୍ରା ବିଦ୍ୟାଳୟ ଠାକୁରମୁଣ୍ଡା ପରିସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ ମିଶ୍ର ଙ୍କ ସଭାପତ୍ରିରେ ଅନୁଷ୍ଠିତ

ହୋଇଯାଇଛି । ଆଜି ସକାଳ ୧୦ ଟା ବେଳେ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ, ଏବିଇଓ ସଂଯୁକ୍ତା ନାୟକ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ମିଟୁଆଣି ର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ପ୍ରତେକ କ୍ଲଷ୍ଟର କୁନି କୁନି ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ସଙ୍ଗୀତ, ଦଳଗତ ସଂସ୍କୃତିକ ନୃତ୍ୟ, ଡିବେଟ,ବକୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ଲଷ୍ଟର ସ୍ତରରେ ଯେଉଁ ଛାତ୍ର ଛାତ୍ରୀ ମାନେ କୃତି ଅର୍ଜନ କରିଥିଲେ ସେମାନେ ବ୍ଲକ ସ୍ତରୀୟ ସୁରଭି ମହୋତ୍ସବରେ ଭାଗ ନେଇଥିଲେ । ଉପର ବେଳେ ଉଦଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ । ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଆରସିସି ଦିଲ୍ଲୀପ ଧଳ, ଏବିଇଓ ସଂଯୁକ୍ତା ନାୟକ, କେଜିବିଭି ପ୍ରଧାନଶିକ୍ଷୟତ୍ରୀ ଜୟନ୍ତୀ ପଣ୍ଡା , ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତ ପ୍ରମୁଖ ମଞ୍ଚାସିନ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଯେଉଁ ଛାତ୍ରଛାତ୍ରୀମାନେ ବ୍ଲକ ସ୍ତିରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେହି ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟ କ୍ରମକୁ ଯିବେ ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ କରଞ୍ଜିଆ । ରୁ ବସନ୍ତ କୁମାର ସୋରେନ ।

## ଗୋସେବକ ବଙ୍ଗନ ଖିଲାର

କୋରେଇ, ୨୯।୧୦(ମହାଭାରତ): କୋରେଇ ନି

# ଶସ୍ତା ହେବ ଅଶୋଧିତ ତେଲ

**ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଉତ୍ତେଜନା ଦ୍ୱାରା ତେଲ ଭିତ୍ତିଭୂମିରେ କୌଣସି କ୍ଷତି ହୋଇନାହିଁ । ତେଣୁ ଖୁବ୍‌ଶୀଘ୍ର ଅଶୋଧିତ ତେଲ ଶସ୍ତା ହେବା ଆଶା କରାଯାଉଛି । ବ୍ରେଣ୍ଟ କ୍ରୁଡ୍ ଓ ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡର ଦାମ୍ କମ୍ ହେବାର ସମ୍ଭାବନା ରହିଛି । ବ୍ରେଣ୍ଟ କ୍ରୁଡର ବ୍ୟାରେଲ୍ ପିଛା ଦାମ୍ ୭୪-୭୫ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଆଶା

କରାଯାଉଛି । ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି । ଯେହେତୁ ଇସ୍ରାଏଲ୍ ଆକ୍ରମଣ ଦ୍ୱାରା ଇରାନର କୌଣସି ବଡ଼ ଧରଣର ହୋଇନାହିଁ, ତେଣୁ ସୋମବାର ବଜାର ଆରମ୍ଭ ହେବା ବେଳକୁ ଅଶୋଧିତ ତେଲ ଦର ଶସ୍ତା ହେବ ବୋଲି ଆଶା କରାଯାଉଛି । ଓନିକ୍ସର ଗ୍ରୁପ୍ ମୁଖ୍ୟ ହାରି ଚିଲିଙ୍ଗୁରିଆନ୍ କହିଛନ୍ତି ଯେ ପୂର୍ବରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନାକୁ ନେଇ ଚିତ୍ର ସ୍ପଷ୍ଟ ହୋଇପାରୁନଥିଲା । କିନ୍ତୁ ଏବେ ବହୁତ କିଛି ସ୍ପଷ୍ଟ ହୋଇଗଲାଣି । ତେଣୁ ତୈଳ ବଜାରରେ ସ୍ଥିରତା ଫେରିବା ଆଶା କରାଯାଉଛି ବୋଲି ସେ କହିଛନ୍ତି । ଅଷ୍ଟ୍ରେଲିଆର ତେଲ ଆନାଲିଷ୍ଟ ଟୋନି ସାଇକାମୋର୍ କହିଛନ୍ତି ଯେ ସୋମବାର ବଜାର ଖୋଲିବା ବେଳକୁ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟର ଦାମ୍ ବ୍ୟାରେଲ ପିଛା ୭୦ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବା ଆଶା କରାଯାଉଛି ।

# 'ଘରର ଝଗଡା ଚାରିକାନ୍ଥ ଭିତରେ ରହିବା ଦରକାର'

**ମୁମ୍ବାଇ,୨୯।୧୦(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପକ୍ରିୟା ଜାରି ରହିଛି । ଏହା ଭିତରେ ଏନ୍ସିପି ମୁଖ୍ୟ ଅଜିତ ପାୱାର ବାରାମତି ବିଧାନସଭା ଆସନରୁ ନିଜର ନାମାଙ୍କନ ଦାଖଲ କରିଛନ୍ତି । ଏହି ସମୟରେ ସେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ହୋଇପଡିଥିଲେ ଇମୋସନାଲ । ଏହା ସହ ସେ ଶରଦ ପାୱାରଙ୍କ ଉପରେ ପରିବାର ଭିତରେ ବିବାଦ ସୃଷ୍ଟି କରିବା ନେଇ ଅଭିଯୋଗ କରିଛନ୍ତି । ଅଜିତ ପାୱାର କହିଛନ୍ତି, ମୋତେ ପରେ ଅନୁଭବ ହେଲା ସୁନେତ୍ରାଙ୍କୁ ସୁପ୍ରିୟାଙ୍କ ବିରୋଧରେ ଠିକ କରିବାର ନଥିଲା । ମୋ ଦ୍ୱାରା ଭୁଲ ହୋଇଯାଇଛି, ମୁଁ ଏଥିପାଇଁ କ୍ଷମା ମାଗିଥିଲି, କିନ୍ତୁ ଲୋକେ ତା'ର ନିଷ୍ପତ୍ତି କରିସାରିଥିଲେ । ମୋତେ ଲାଗୁଛି ଅନ୍ୟଲୋକମାନେ ମଧ୍ୟ ଠିକ୍ ସେଭଳି ଭୁଲ କରୁଛନ୍ତି । ମୁଁ ଓ ମୋର ପରିବାର ପୂର୍ବରୁ ବାରାମତିରେ ଫର୍ମ ଦାଖଲ କରିବା ନେଇ ସହମତ ହୋଇଥିଲେ, କିନ୍ତୁ ଏଭଳି ହେଲାନି । ଚ୍ୟାଲେଞ୍ଜ ପରେ ଆମେ ସ୍ଥିତି ସୁଧାରିବାରେ ସଫଳ ହେଲା । ମୋ ମା' ବହୁତ ସହଯୋଗୀ ଥିଲେ । ସେ ପରାମର୍ଶ ଦେଇଥିଲେ ଯେ, ତାଙ୍କୁ (ଶରଦ ଗୋଷ୍ଠୀ) ଅଜିତ ପାୱାରଙ୍କ ବିରୋଧରେ ନିଜର ପ୍ରାର୍ଥୀ ଠିଆ

କରିବା ଉଚିତ ନଥିଲା । ନିର୍ବାଚନ ପୂର୍ବରୁ ସାହେବ(ଶରଦ ପାୱାର)ଙ୍କୁ ନିଜ ଘର କଥା ଠିକରେ ଦେଖିବା ଉଚିତ । ମୁଁ ଏଥିପାଇଁ କହୁଛି, କାରଣ ମୋ' ନିଜର ଘର ସଫାସୁତୁରା ନୁହେଁ । ତେଣୁ କହିବା ସମୟରେ ମୋତେ ସବୁ ଦିଗକୁ ଦେଖିବାକୁ ପଡୁଛି । ଘରର ଝଗଡା ଚାରିକାନ୍ଥ ଭିତରେ ରହିବା ଦରକାର । ସଂର୍କୀୟ ମିଳିମିଶି ଏକାଠି ରହିଲେ ଆଗକୁ ବଢିପାରିବେ । ଉଲ୍ଲେଖନୀୟ ଯେ, ପୁତୁରା ଅଜିତ ପାୱାରଙ୍କ ବିରୋଧରେ ଶରଦ ପାୱାର ନିଜ ନତିଙ୍କୁ ଏଥର ନିର୍ବାଚନରେ ଠିଆ କରାଇଛନ୍ତି । ଶରଦଙ୍କ ନତି ତଥା ଯୁବପ୍ରାର୍ଥୀ ହେଉଛନ୍ତି ଯୁଗେନ୍ଦ୍ର ପାୱାର । ଯୁଗେନ୍ଦ୍ର ହେଉଛନ୍ତି ଅଜିତ ପାୱାର ବଡ ଭାଇ ଶ୍ରୀନିବାସଙ୍କ ପୁଅ । ନାତିକୁ ପୁତୁରା ଅଜିତଙ୍କ ବିରୋଧରେ ପ୍ରାର୍ଥୀ ଭାବରେ ଠିକ୍ କରାଇବା ପରେ ଶରଦ କରିଛନ୍ତି ଭବିଷ୍ୟବାଣୀ । ସେ କହିଛନ୍ତି, ଯୁଗେନ୍ଦ୍ର ବିଦେଶରେ ଶିକ୍ଷା ଲାଭ କରିଛନ୍ତି ଏବଂ ଉଚ୍ଚ ଶିକ୍ଷିତ । ଦଳ ଆଉ ଏକ ଯୁବ ନେତାଙ୍କୁ ସୁଯୋଗ ଦେଇଛି । ମୋର ପୁରା ବିଶ୍ୱାସ ବାରମତିର ଜନତା ନୂଆ ପିଢିର ନେତୃତ୍ୱ ସ୍ୱୀକାର କରିବେ ।'

# ରିଟର୍ଣ୍ଣରେ ସୁନାକୁ ଟପିଯିବ ରୁପା

**ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** ନିବେଶକମାନଙ୍କୁ ରିଟର୍ଣ୍ଣ ଦେବାରେ ପାରମ୍ପରିକ ମୂଲ୍ୟବାନ ଧାତୁ ସୁନାକୁ ରୁପା ଏଥର ଅତିକ୍ରମ କରିଯିବ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି । ୨୦୨୪ରେ ରୁପା ୪୦ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇସାରିଲାଣି । ଏହାର କେଜି ପିଛା ଦାମ୍ ସର୍ବଭାରତୀୟ ସ୍ତରରେ ଏକ ଲକ୍ଷ ଟଙ୍କା ସ୍ତର ଟପିସାରିଛି । ଆଗାମୀ ଦିନରେ ଏହାର ଦାମ୍ ୧,୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ ବୋଲି ମୋତିଲାଲ ଓସ୍ୱାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ଆକଳନ କରିଛି । ରୁପା ହେଉଛି ଏଭଳି ଏକ ଧାତୁ ଯାହା ଗହଣା ବଜାରଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ କାମରେ ବ୍ୟବହାର ହେଉଛି । ବିଶେଷ କରି ଇଲେକ୍ଟ୍ରିକ୍ ଯାନ ଓ ସୌର ଶକ୍ତି ପ୍ରକଳ୍ପରେ ରୁପା ଅଧିକ ମାତ୍ରାରେ ବ୍ୟବହାର ହେଉଛି । ଲୋକମାନେ ତାହାକୁ

ଗହଣା ଓ ବିଭିନ୍ନ ସାମଗ୍ରୀ ଆକାରରେ ମଧ୍ୟ ବ୍ୟବହାର କରୁଛନ୍ତି । ମୋତିଲାଲ ଓସ୍ୱାଲ୍ ଆକଳନ କରିଛି ଯେ ମଧ୍ୟମକାଳୀନଭିତ୍ତିରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୮୧ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ଦୀର୍ଘକାଳୀନଭିତ୍ତିରେ ୮୬୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ଦୀର୍ଘକାଳୀନଭିତ୍ତିରେ ୩୦୦୦ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ନିବେଶକଙ୍କୁ ରିଟର୍ଣ୍ଣ ଦେବାରେ ସୁନା ଅନ୍ୟ ସବୁ ଧାତବ ପଦାର୍ଥଠାରୁ ସର୍ବଦା ଆଗରେ ରହିଛି । କିନ୍ତୁ ଚଳିତ ବର୍ଷ ସୁନା ଯେତିକି ରିଟର୍ଣ୍ଣ ଦେଉଛି, ରୁପା ସେହି ସମାନ ଧରଣର କିମ୍ବା ତା'ଠାରୁ ଅଧିକ ରିଟର୍ଣ୍ଣ ଦେବାର ସମ୍ଭାବନା ସୃଷ୍ଟି ହୋଇଛି । ଚଳିତ ବର୍ଷ ସୁନା ମଧ୍ୟ ଭଲ ରିଟର୍ଣ୍ଣ ଦେଇଛିୟ ବାର୍ଷିକ ଭିତ୍ତିରେ ଏହା ୩୦ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରିଛି । ମୋତିଲାଲ ଓସ୍ୱାଲ୍ର କମୋଡିଟି ରିସର୍ଚ୍ଚ ଆନାଲିଷ୍ଟ ମାନବ ମୋଦୀ କହିଛନ୍ତି ଯେ ବଜାରରେ ଅସ୍ଥିରତା, ସୁଧ ହାର ହ୍ରାସକୁ ନେଇ ଅନିଶ୍ଚିତତା, ଚାହିଦାରେ ବୃଦ୍ଧି, ଡଲାର ତୁଳନାରେ ଟଙ୍କା ଦୁର୍ବଳ ରହିବା, ଆମେରିକାର ରାଷ୍ଟ୍ରପତି ନିର୍ବାଚନ, ଭୂରାଜନୈତିକ ସଙ୍କଟ ଭଳି କାରଣ ପାଇଁ ସୁନା ରୁପାର ଚାହିଦା ବୃଦ୍ଧି ପାଇଛି ।

# ଚୀନ୍ ଯାତ୍ରାରେ ଯିବେ ଓଲି

**ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** ଚୀନ୍ ଯାତ୍ରାରେ ଯିବେ ନେପାଳ ପ୍ରଧାନମନ୍ତ୍ରୀ କେପି ସିଂ ଓଲି । ନେପାଳ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଏକ ଉଚ୍ଚସ୍ତରୀୟ ସୁତ୍ରରୁ ଏହି ସୂଚନା ମିଳିଛି । 'ମାଇ ରିପବ୍ଲିକା' ଖବରକାଗଜରେ ମଧ୍ୟ ଏହି ଖବର ପ୍ରକାଶ ପାଇଛି । କୁହାଯାଉଛି ଯେ, ନେପାଳର ବୈଦେଶିକ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଓଲିଙ୍କ ଚୀନ୍ ଯାତ୍ରାର ପ୍ରସ୍ତୁତି କରୁଛି । ସରକାରଙ୍କ ନୂତନ କାର୍ଯ୍ୟକାଳର ୧୦୦ ଦିନ ପୂରଣ ହେବା ପୂର୍ବରୁ ଚୀନ୍ ଯାତ୍ରା ପ୍ରସ୍ତାବିତ କରାଯାଇଛି । ଚୀନ୍ ଯାତ୍ରାରେ ଓଲି ଯିବେ ବୋଲି ଯଦିଓ ନେପାଳ ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିନି, ତେବେ ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ ସୁତ୍ରରୁ ସୂଚନା ମିଳିଛି । କେପି ଓଲି ପ୍ରଧାନମନ୍ତ୍ରୀ ପଦଗ୍ରହଣ କରିବା ପରେ ତାଙ୍କୁ ଏପର୍ଯ୍ୟନ୍ତ ଭାରତ କିମ୍ବା ଚୀନ୍ ପକ୍ଷରୁ ଗସ୍ତ ପାଇଁ ନିମନ୍ତ୍ରଣ କରାଯାଇ ନାହିଁ । ତେବେ ପ୍ରଧାନମନ୍ତ୍ରୀ ଓଲି ପ୍ରସ୍ତାବିତ ଚୀନ୍ ଯାତ୍ରା ପଦଭାର ଗ୍ରହଣ କରିବା ପରେ ପଡୋଶୀ ଦେଶର ପ୍ରଥମ ଯାତ୍ରା ହେବ । କେପି ଓଲି ଗତ ମାସ ଜାତିସଂଘର ମହାସଭା ବେଳେ ନ୍ୟୁୟର୍କରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ । ଏହି ସମୟରେ ମୋଦିଙ୍କୁ ଓଲି ନେପାଳ ଯିବାକୁ ନିମନ୍ତ୍ରଣ କରିଥିଲେ । 'ମାଇଁ ରିପବ୍ଲିକା' ସୂଚନା ଅନୁସାରେ, ନମ୍ବେରରେ ଓଲି ଚୀନ୍ ଗସ୍ତରେ ଯାଇପାରନ୍ତି । ତେବେ ଏପର୍ଯ୍ୟନ୍ତ କେଣସି ତାରିଖ ଧାର୍ଯ୍ୟ କରାଯାଇ ନାହିଁ । ତେବେ ଓଲିଙ୍କ ଚୀନ୍ ଯାତ୍ରାକୁ ସଫଳ କରିବାକୁ ପ୍ରସ୍ତୁତି କରାଯାଉଛି । ଓଲିଙ୍କ ଚୀନ୍ ଯାତ୍ରା ଗୁରୁତ୍ୱପୂର୍ଣ୍ଣ ରହିପାରେ । କାରଣ ନେପାଳ ଓ ଚୀନ୍ ବେଲ୍ଟ ଆଣ୍ଡ ରୋଡ୍ ପ୍ରୋଜେକ୍ଟ ସଫଳ କାର୍ଯ୍ୟ ପାଇଁ ଏକ ଚୁକ୍ତି ସାକ୍ଷର କରିପାରନ୍ତି । ୨୦୧୭ ରେ ନେପାଳ ଓ ଚୀନ୍ ଭିତରେ ଚୁକ୍ତି ହେବା ପରେ ଏହାର କାର୍ଯ୍ୟ ଆଗକୁ ବଢିପାରିନି ।

# ଶସ୍ତା ହେବ କ୍ୟାନସର ଔଷଧ

**ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** କ୍ୟାନସର ରୋଗୀଙ୍କୁ ଆଗାମୀ ଦିନରେ ଔଷଧ ଖର୍ଚ୍ଚରେ ମିଳିପାରେ କିଛି ଆଶ୍ୱସ୍ତି । ସରକାର ଔଷ କମ୍ପାନୀକୁ କ୍ୟାନସର ନିରୋଧି ତିନୋଟି ଔଷଧ ଷ୍ଟ୍ରାଟୁଜୁମାବ,,ଓସିର୍ମିଟିନିବ ଏବଂ ଡୁଭରାଲୁମାବ୍ ଉପରେ ଏମ୍‌ଆରପି କମ୍ କରିବାକୁ ନିର୍ଦେଶ ଦେଇଛନ୍ତି । ସରକାର ଏହି ନିର୍ଦେଶ ଦେବା ପଛର ଉଦେଶ୍ୟ ହେଉଛି କଷ୍ଟମ ଡ୍ୟୁଟି ଛାଡ ଓ ଜିଏସ୍ଟି କାଟ୍ କରିବାର ଲାଭ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ପହଁଞ୍ଚା ଯାଇପାରିବ । ପିଟିଆଇର ରିପୋର୍ଟ ଅନୁସାରେ, ଔଷଧକୁ ସୁଲଭ ମୂଲ୍ୟରେ ଉପଲବ୍ଧ ଓ ସୁନିଶ୍ଚିତ କରିବା ପାଇଁ ସରକାର ରାଷ୍ଟ୍ରୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍ସିପିଏ) ଏକ କାର୍ଯ୍ୟାଳୟ ଜ୍ଞାପନ ଜାରି କରିଛି । ରାସାୟନିକ ଏବଂ ସାର ମନ୍ତ୍ରଣାଳୟ କହିଛି ଯେ, ଚଳିତ ବର୍ଷ ୨୦୨୪-୨୫ରେ କେନ୍ଦ୍ର ବଜେଟରେ ଦିଆଯାଇଥିବା ଘୋଷଣା ଅନୁଯାୟୀ ରହିଛି । ଯେଉଁଥିରେ ଏହି ତିନୋଟି କ୍ୟାନସର ନିରୋଧି ଔଷଧୀ କଷ୍ଟମ ଡ୍ୟୁଟି ଛାଡ କରି ଦିଆଯାଇଛି । ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଚଳିତ ବର୍ଷ ୨୩ ଜୁଲାଇରେ ଏକ ନୋଟିଫିକେସେନ୍ ଜାରି କରି ତିନୋଟି ଔଷଧ ଉପରେ କଷ୍ଟମ ଡ୍ୟୁଟି ହ୍ରାସ କରି ଶୂନ କରିଦେଇଛି । ମନ୍ତ୍ରଣାଳୟ କହିଛି, ଏହା ଅନୁସାରେ, ବଜାରରେ ଏହି ଔଷଧର ଏମ୍‌ଆରପିରେ ହ୍ରାସ ହେବା

ଦରକାର ଏବଂ ଟ୍ୟାକ୍ସ ଓ ଶୁଳ୍କ ହ୍ରାସ ପାଇବାର ଲାଭ ଉପଭୋକ୍ତାଙ୍କୁ ଦିଆଯିବା ଦରକାର । ରାସାୟନିକ ଏବଂ ସାର ମନ୍ତ୍ରଣାଳୟ କହିଛି, ନିର୍ମାତାଙ୍କୁ ଡିଲର, ରାଜ୍ୟ ଔଷଧ ନିୟନ୍ତ୍ରଣ ଓ ସରକାରଙ୍କୁ ପ୍ରାଇସ୍ ଲିଷ୍ଟ କିମ୍ବା ସମ୍ପୂର୍ଣ୍ଣ ମୂଲ୍ୟ ସୂଚୀ ଜାରି କରିବାକୁ ହେବ, ଯେଉଁଥିରେ ପରିବର୍ତ୍ତନର ସଙ୍କେତ ଥିବ ଓ ମୂଲ୍ୟ ପରିବର୍ତ୍ତନ ବିଷୟରେ ରାଷ୍ଟ୍ରୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣକୁ ସୂଚନା ଦେବାକୁ ହେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ କହିବା ଅନୁସାରେ, ବଜାରରେ ଏହି ଔଷଧ ଏମ୍‌ଆରପିରେ ହ୍ରାସ ହେବା ଦରକାର ଓ ଟ୍ୟାକ୍ସ ଏବଂ ଶୁଳ୍କରେ ହ୍ରାସର ଲାଭ ଉପଭୋକ୍ତାଙ୍କୁ ଦିଆଯିବା ଦରକାର ।

# ପୁଣି ମଧ୍ୟପ୍ରାଚ୍ୟ ଅଶାନ୍ତ, ପାଲଟା ଆକ୍ରମଣ କରିପାରେ ଇରାନ

**ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** ଇରାନ ଉପରେ ଏୟାର ଷ୍ଟ୍ରାଇକ ପରେ ବିଚଳିତ ଇସ୍ରାଏଲ । କେତେବେଳେ ବି ପୁଣି ପାଲଟା ଆକ୍ରମଣ କରିପାରେ ଇରାନ । ଏଥର ଯୋଜନାବଦ୍ଧ ଭାବେ ରଣନୀତି ସହ ଇରାନ ଆକ୍ରମଣ କରିପାରେ । ଏହି ଭୟ ଏବେ ଇସ୍ରାଏଲକୁ ଘାରିଛି । ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଂଜାମିନ ନେତନ୍ୟାହୁଙ୍କ ବାସଭବନ ନିକଟରେ ଏକ ପଡ଼ିଆରେ ପଡିଥିଲା ରକେଟ । ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲା ନେତନ୍ୟାହୁଙ୍କ ବାସଭବନ । ଇରାନ ଇସ୍ରାଏଲ ଉପରେ ଜୋରଦାର ଆକ୍ରମଣ କରିବା ସମ୍ଭାବନା ରହିଛି । ଇରାନ ଉପରେ ଇସ୍ରାଏଲ ହମଲାରେ ଅନେକ ପ୍ରତିରକ୍ଷା ପ୍ରତିଷ୍ଠାନ ନଷ୍ଟ ହୋଇଯାଇଛି । ଇରାନର ରାଡାର ଏୟାର ଡିଫେନ୍ସ ସିଷ୍ଟମ ମଧ୍ୟ ପୁରା ଛାରଖାର ହୋଇଯାଇଛି । ଇରାନର ଯାହା କ୍ଷୟକ୍ଷତି ହୋଇଛି ତାଙ୍କୁ ଇସ୍ରାଏଲର ସାମନା କରିବା କଷ୍ଟକର ହୋଇପଡିବ । ଏହା ପରେ ମଧ୍ୟ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବା ସମ୍ଭାବନା ରହିଛି । ଆକ୍ରମଣରେ ଆମେରିକା ସାଥ ଦେଇଥିବାରୁ ଧନ୍ୟବାଦ ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଂଜାମିନ ନେତନ୍ୟାହୁ ।

# ଇନ୍ଦିପୁରରେ ପତ୍ନୀକୁ ପିଟି ପିଟି ହତ୍ୟା କଲା ମଦୁଆ ସ୍ୱାମୀ

ଢେଙ୍କାନାଳ, (ନିପ୍ର) : ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଗାଁରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ନିଶାସକ୍ତ ସ୍ୱାମୀ ପତ୍ନୀକୁ ପିଟି ପିଟି ମାରି ଦେଇଛି । ମୃତା ମହିଳା ଜଣକ ହେଉଛନ୍ତି ଇନ୍ଦିପୁର ଗ୍ରାମର ଯଶୋଦା ପଧାନ (୩୫) ବୋଲି ଜଣାପଡିଛି । ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଇନ୍ଦିପୁର ଗାଁର ମାନସ ପଧାନ ସବୁବେଳେ ମଦ୍ୟପାନ କରି ଘରକୁ ଫେରେ । ଗୁରୁବାର ରାତିରେ ଅତ୍ୟଧିକ ମଦ୍ୟପାନକରି ଘରକୁ ଫେରିବାରୁ ଉଭୟ ପତି-ପତ୍ନୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ମାନସ, ପତ୍ନୀ ଯଶୋଦାକୁ ନିଷ୍ଠୁକ ମାଡ଼ ମାରିଥିଲେ । ପ୍ରବଳ ମାଡ଼ରେ ପତ୍ନୀ ଯଶୋଦା ବେହୋଶ ହୋଇଯାଇଥିବା ବେଳେ ତଥାପି ସ୍ୱାମୀ ମାନସ ମାଡ଼ ମାରି ଚାଲିଥିଲା । ଘଟଣା ଘଟାଇ ଅଭିଯୁକ୍ତ ସ୍ୱାମୀ ମାନସ ଘରୁ ଫେରାର ହୋଇଯାଇଥିଲା । ସାହି, ପଡିଶା ଲୋକମାନେ ଗୁରୁତର ପତ୍ନୀ ଯଶୋଦାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଏନେଇ ସଦର ପୋଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ମାନସ ଏଯାଏଁ ଗିରଫ ହୋଇନଥିବା ପୋଲିସ୍ ସୂତ୍ରରୁ ପ୍ରକାଶ ।

# ଦୂରହେଲା ସିର୍ଲିଗୁଡାର ପାନୀୟ ଜଳ ସମସ୍ୟା

**କୋକସରା,(ନି.ପ୍ର):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରା ପଞ୍ଚାୟତ ସିର୍ଲିଗୁଡା ଗ୍ରାମବାସୀ ପାନୀୟଜଳ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ଉଦ୍ୟମ କ୍ରମେ ଟେମରା ପଞ୍ଚାୟତ ସିର୍ଲିଗୁଡା ଗୌନ୍ତିଆ ପଡ଼ାରେ ପାନୀୟ ଜଳ ସମସ୍ୟା ଦୂର ହୋଇଛି । ସୂଚନା ଅନୁସାରେ, ସିର୍ଲିଗୁଡା ଗୋନ୍ତିଆପଡ଼ା, ସ୍କୁଲପଡା ବାସୀ ଦୀର୍ଘ ବର୍ଷରୁ ପାନୀୟ ଜଳ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ ନଳକୂପ ଖନନ ସଫଳ ହେଉନଥିଲା । ଯାହା ଫଳରେ ଲୋକେ ପାନୀୟ ଜଳ ପାଇଁ ପ୍ରଶାସନ ପଠଉଥିବା ପାଣି ଉପରେ ନିର୍ଭର କରୁଥିଲେ ଯାହାକି ସମସ୍ତେ ସଠିକ ଓ ଆବଶ୍ୟକ ମୁତାବକ ପାଣି ପାଇପାରୁନଥିଲେ, ତାହା ପୁଣି ଦିନେ ହେଲେ ଦିନେ ନାହିଁ । ପରେ ବ୍ଲକ ଉପାଧ୍ୟକ୍ଷ ତିନୋଟି ନଳକୂପ ଖନନ ପାଇଁ ଚେଷ୍ଟା କରିଥିଲେ ହେଲେ ସକ୍ଷମ ନ ହେବାରୁ ଏକ ଗଭୀର ନଳକୂପ ଖୋଲି ପାଇପ ଯୋଗେ ପାଣି ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇ ପାଇପ ଯୋଗେ ପାନୀୟଜଳ ର ବ୍ୟବସ୍ଥା କରି ତିନୋଟି ଷ୍ଟାଣ୍ଡ ପୋଷ୍ଟ କରି ଲୋକଙ୍କୁ ସୁବିଧା କରେଇଛନ୍ତି । ଏବେ ଏହି ପଡାରେ ଆବଶ୍ୟକ ମୁତାବକ ପାନୀୟ ଜଳ ସୁବିଧା ହେଇଥିବାରୁ ଗ୍ରାମର ଶ୍ୟାମସୁନ୍ଦର ନାଏକ, ଝଗଡେ ନାଏକ, ଗଜିନ୍ଦ୍ର ନାଏକ, ପ୍ରେମଲାଲ ନାଏକ, ବିକ୍ରମ ନାଏକ, ଗୁପ୍ତେଶ୍ୱର ବାଗ, ବଳ ହାତୀ, ଖେତୁରାମ କାଣ୍ଡ, ଲାବାନ୍ୟ କାଣ୍ଡ, ଫକୀର ଗୋପାଳ ପ୍ରମୁଖ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ବାଦ ପରିବେଷଣ ସଂସ୍ଥା, ସାମ୍ବାଦିକ ବନ୍ଧୁ, ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣେଇଛନ୍ତି ।

# ୩୦ ବର୍ଷ ହେଲା ପାଲଟଣା କୁଡିଆରେ ରହୁଛନ୍ତି ବେଲ ମୁଣ୍ଡାଙ୍କ ୫ ଜଣିଆ ପରିବାର

ପାଟଣା,(ନିପ୍ର) : ସାହାରପଡ଼ା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମ ମାଙ୍କଡଡିହା ସାହିରେ ଆଜକୁ ୩୦ ବର୍ଷରୁ ଅଧିକ ସମୟ ଧରି ଏକ ପାଲଟଣା କୁଡିଆରେ ରହୁଛନ୍ତି ବୃଦ୍ଧା ବେଲ ମୁଣ୍ଡା ଓ ତାର ପୁଅ ଝିଅ ନାତି ନାତୁଣୀଙ୍କୁ ମିଶାଇ ପାଞ୍ଚ ଜଣିଆ ପରିବାର । ସେମାନଙ୍କୁ ମିଳିପାରୁନାହିଁ ଖଣ୍ଡେ ଆବାସ ଯୋଜନାରେ ଘର । ଛାତ ଥିବା ଲୋକଙ୍କୁ ମିଳିପାରୁଛି ପ୍ରଧାନ ମନ୍ତ୍ରୀ ଆବାସ । କିନ୍ତୁ

# ତୃତୀୟ ଟେଷ୍ଟ ପାଇଁ ହର୍ଷିତ ରାଣାଙ୍କୁ ଡକରା

ନୂଆଦିଲ୍ଲୀ, ୨୯।୧୦: ନ୍ୟୁଜିଲ୍ୟାଣ୍ଡ ଠାରୁ ଘରୋଇ ଟେଷ୍ଟ ଶୃଙ୍ଖଳା ହାରି ସାରିଥିବା ଭାରତୀୟ ଟିମ୍ ଆସନ୍ତ ୧ ତାରିଖରୁ ସମ୍ମାନ ରଖିବା ପାଇଁ ମୁମ୍ବାଇରେ ଶେଷ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ ଭାରତୀୟ ଟିମ ମ୍ୟାନେଜମେଣ୍ଟ ବଡ଼ ତଥା ଅପ୍ରତ୍ୟାଶିତ ନିଷ୍ପତ୍ତି ନେଇଛି। ତୃତୀୟ ଟେଷ୍ଟ ପୂର୍ବରୁ ହଠାତ୍ ରଣଜୀ ଟ୍ରଫିରେ କମାଲ କରିଥିବା ଦ୍ରୁତ ବୋଲର ହର୍ଷିତ ରାଣାକୁ ଭାରତୀୟ ଟେଷ୍ଟ ଟିମରେ ସାମିଲ କରାଯାଇଛି। ମଙ୍ଗଳବାର ତାଙ୍କୁ ଡାକରା ମିଳିଥିବା ବେଳେ ସେ ମଧ୍ୟ ଖୁବାଶୀଘ୍ର ମୁମ୍ବାଇରେ ପହଞ୍ଚିବେ।

ଦିଲ୍ଲୀର ଏହି ୨୨ ବର୍ଷୀୟ ଦ୍ରୁତ ବୋଲର ଘରୋଇ କ୍ରିକେଟରେ ଉଭୟ ବଲ ଓ ବ୍ୟାଟରେ ନିଜର ଦକ୍ଷତା ଦେଖାଇ ଚାଲିଛନ୍ତି। ତେଣୁ ତାଙ୍କୁ ଭାରତୀୟ ସ୍କ୍ୱାଡରେ ସାମିଲ କରାଯାଇଛି। ସେହିପରି ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଶେଷ ଟେଷ୍ଟରେ ମଧ୍ୟ ସେ ଡେବ୍ୟୁ କରିବେ ବୋଲି ଜଣାପଡ଼ିଛି। ଏହାର ଅର୍ଥ ସେ ଦିଲ୍ଲୀ ପାଇଁ ରଣଜୀ ଟ୍ରଫିର ରାଉଣ୍ଡ ୪ ମ୍ୟାଚ୍‌ରେ ନଜର ଆସିବେ ନାହିଁ। ଆଜି ସନ୍ଧ୍ୟାରେ ସେ ମୁମ୍ବାଇ ଅଭିମୁଖେ ବାହାରିବେ। ଏହାପୂର୍ବରୁ ଅଷ୍ଟ୍ରେଲିଆରେ ଖେଳା ଯିବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଘୋଷଣା ହୋଇଥିବା ୧୮ ଜଣିଆ। ଟେଷ୍ଟ ସ୍କାଡରେ ହର୍ଷିତ ରାଣାଙ୍କ ନାଁ ରହିଥିଲା ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ତାଙ୍କର ଅସଲ ଟେଷ୍ଟ ମୁମ୍ବାଇରେ ଶୁକ୍ରବାର ଠାରୁ ହେବ।

ରଣଜୀ ଟ୍ରଫିରେ ଦିଲ୍ଲୀର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ରାଣା କମାଲ କରିଥିଲେ ଆସାମ ବିପକ୍ଷ ମ୍ୟାଚ୍‌ରେ ସେ ୫ଟି ୱିକେଟ ନେବା ସହ ବ୍ୟାଟିଂରେ ୫୯ ରନର ଇନିଂସ ଖେଳିଥିଲେ। ତାଙ୍କର ଦମଦାର ପ୍ରଦର୍ଶନ ଯୋଗୁ ଦିଲ୍ଲୀ ୧୦ ୱିକେଟରେ ମ୍ୟାଚ୍ ଜିତିବା ସହ ବୋନସ ପଏଣ୍ଟ ମଧ୍ୟ ହାସଲ କରିଥିଲା। ଏହି ପ୍ରଦର୍ଶନ ଯୋଗୁ ତାଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଶେଷ ଟେଷ୍ଟରେ ସାମିଲ କରାଯାଇଛି। ମୁମ୍ବାଇରେ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ଟିମ ମ୍ୟାନେଜମେଣ୍ଟ ବିଶ୍ରାମ ଦେଇ ପାରେ ତେଣୁ ତାଙ୍କ ସ୍ଥାନରେ ହର୍ଷିତ ରାଣା ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ ବୋଲି କୁହାଯାଉଛି।

## ୟଙ୍ଗଷ୍ଟର୍ ପ୍ରିମିୟର୍ ଲିଗ୍ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୯।୧୦: ସ୍ଥାନୀୟ ଲୟେଲା ସ୍କୁଲ୍‌ରୁ ପରିଚାଳିତ ଏବଂ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ୟୁସୁଫ୍ ଓ ଇର୍ଫାନ୍ ପଠାନଙ୍କ ପରିକଳ୍ପିତ କ୍ରିକେଟ୍ ଏକାଡେମି ଅଫ୍ ପଠାନ୍ସ ବା କାପ୍, ଭୁବନେଶ୍ୱର ଅନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ୟଙ୍ଗଷ୍ଟର୍ ପ୍ରିମିୟର୍ ଲିଗ୍ (ୱାଇଏଲ୍)ର ଲୋଗୋ ରବିବାର ଉନ୍ମୋଚିତ ହୋଇଯାଇଛି। ଡିସେମ୍ବର ୨୦ରୁ ଖେଳାଯିବାକୁ ଥିବା ଏହି କନିଷ୍ଠସ୍ତରୀୟ (୧୯ ବର୍ଷରୁ କମ୍) ଟ୍ୱେଣ୍ଟି-୨୦ କ୍ରିକେଟ୍ ଲିଗ୍‌ରେ ୮ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଅଂଶଗ୍ରହଣ କରିବେ କନିଷ୍ଠସ୍ତରରୁ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଲାଗି ପାଖାପାଖି ୪୫୬ଜଣ ଖେଳାଳି ନାମ ପଞ୍ଜୀକରଣ କରିସାରିଛନ୍ତି। ଖେଳାଳି ନିଲାମ ଡିସେମ୍ବର ପହିଲାରେ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକ ଫ୍ରାଞ୍ଚାଇଜ ଏଥିଲାଗି ୨ରୁ ୪ ଲକ୍ଷ ଟଙ୍କାର ପାଣ୍ଠି ବିନିଯୋଗ କରିପାରିବେ ପ୍ରତ୍ୟେକ ଦଳରେ ସର୍ବାଧିକ ୨୧ଜଣ ଖେଳାଳି ରହିବେ।

# ତୃତୀୟ ଟେଷ୍ଟ ଖେଳିବେନି ୱିଲିୟମସନ୍

ନୂଆଦିଲ୍ଲୀ, ୨୯।୧୦: ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ତୃତୀୟ ତଥା ଶେଷ ମ୍ୟାଚ ପୂର୍ବରୁ ନ୍ୟୁଜିଲାଣ୍ଡ ଭେଟେରାନ ବ୍ୟାଟ୍ସମ୍ୟାନ କେନ ୱିଲିୟମସନଙ୍କ ରୂପରେ ଏକ ବଡ଼ ଝଟକା ପାଇଛି। ଫଳରେ ପ୍ରଥମ ଏବଂ ଦ୍ୱିତୀୟ ଟେଷ୍ଟ ପରି ୱିଲିୟମସନ ମଧ୍ୟ ତୃତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡର ଅଂଶ ହୋଇପାରିବେ ନାହିଁ। ୱିଲିୟମ୍ସନ ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ନଭେମ୍ବର ୧ରୁ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ ସୂଚନା ଦେଇ କୁହାଯାଇଛି ଯେ, ମୁମ୍ବାଇରେ ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ୱିଲିୟମ୍ସନ ଅଂଶଗ୍ରହଣ କରିବେ ନାହିଁ। ଭାରତ ବିପକ୍ଷ ଟେଷ୍ଟ ସିରିଜ ହରାଇବା ପରେ ୱିଲିୟମସନ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ୨୮ ନଭେମ୍ବରରୁ ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ମଧ୍ୟରେ ଏକ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ସତର୍କତା ଅବଲମ୍ବନ କରି ମୁମ୍ବାଇ ଟେଷ୍ଟରେ ୱିଲିୟମସନ ନ ଖେଳିବାକୁ ନିଷ୍ପତ୍ତି ନିଆଯାଇଛି।

ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ ଗ୍ୟାରି ଷ୍ଟିଡ କହିଛନ୍ତି, ୱିଲିୟମସନ ଭଲ ଅଗ୍ରଗତି କରିଛନ୍ତି, କିନ୍ତୁ ଏକ ସତର୍କତା ଅବଲମ୍ବନ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ସମ୍ପୂର୍ଣ୍ଣ ଫିଟ ହେବାକୁ ସମୟ ଦେବ। ଗ୍ୟାରି ଷ୍ଟେଡ କହିଛନ୍ତି, କେନ ଭଲ ସଙ୍କେତ ଦେଖାଇବା ଜାରି ରଖିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଆମ ସହ ଯୋଗଦେବାକୁ ପ୍ରସ୍ତୁତ ନୁହଁନ୍ତି। ଇଂଲଣ୍ଡ ସିରିଜରେ ଆଉ ଏକ ମାସ ବାକି ଅଛି, ତେଣୁ ଏକ ସତର୍କତା ଅବଲମ୍ବନ କରିବା ଏହା ସ୍ପଷ୍ଟ କରିବ ଯେ ଆମେ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପାଇଁ ପ୍ରସ୍ତୁତ।

## ଜାତୀୟ ମହିଳା ଟ୍ୱେଣ୍ଟି-୨୦

# ଓଡ଼ିଶାକୁ ଜିତାଇଲେ ମାଧୁରୀ, ସୁଶ୍ରୀ, ଶୁଭ୍ରା

କଟକ, ୨୯।୧୦: ବଡ଼ୋଦରା ଇନ୍‌ଫ୍ରିପ୍ରୋ ସ୍ପୋର୍ଟସ୍ କ୍ଲବ୍ ପଡ଼ିଆରେ ଖେଳାଯାଇଥିବା ଜାତୀୟ ମହିଳା ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ଓଡ଼ିଶା ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି।ଏଥିସହ ଓଡ଼ିଶା ୭ ମ୍ୟାଚ୍‌ରୁ ୪ ବିଜୟ ଓ ୩ ପରାଜୟରୁ ୧୬ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି।

ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୩୦ ରନ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ୱିକେଟ୍ ହରାଇ ୧୪୩ ରନ୍ କରିଥିଲା। ମାଧୁରୀ ମେହେଟା ଗୋଟିଏ ଛକା ଓ ୮ଟି ଚେକା ସହାୟତାରେ

୬୪ ବଲ୍‌ରୁ ୭୬ ରନ୍ କରିଥିବା ବେଳେ ସୁଶ୍ରୀ ଦିବ୍ୟଦର୍ଶିନୀ ୨୮ ବଲ୍‌ରୁ ୩୪ ରନ୍ କରିଥିଲେ। ଆନ୍ଧ୍ରପ୍ରଦେଶର ବାସଭୀ ଅଖିଳ ଓ ସାରାୟୁ ୨ ଲେଖାଏଁ କେଟ୍ ନେଇଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ୧୮.୩ ଓଭରରେ ୧୧୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ପି.ରାଙ୍ଗା ଲକ୍ଷ୍ମୀ ସର୍ବାଧିକ ୪୯ ରନ୍ କରିଥିବା ବେଳେ ଓଡ଼ିଶାର ଶୁଭ୍ରା ନିଝରିଣୀ ସ୍ୱାଇଁ ୩ ଏବଂ ସୁଶ୍ରୀ, ରିମାଲକ୍ଷ୍ମୀ ଏକ୍କା ଓ ଡି ଜାନକି ରେଡ୍ଡୀ ୨ ଲେଖାଏଁ କେଟ୍ ନେଇଥିଲେ।

# ମାଥ୍ୟୁ ୱେଡ୍‌ଙ୍କ ସନ୍ନ୍ୟାସ

ନୂଆଦିଲ୍ଲୀ, ୨୯।୧୦: ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ୫ ଟେଷ୍ଟ ମ୍ୟାଚର ବର୍ଡର ଗାଭାସ୍କର ୨୦୨୪-୨୫ ଟ୍ରଫି ଖେଳାଯିବ ଅଷ୍ଟ୍ରେଲିଆ। ମାଟିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟ୍ରଫି ନଭେମ୍ବର ୨୨ରୁ ଆରମ୍ଭ ହେବ। ଏହି ସିରିଜ ପୂର୍ବରୁ ଅଷ୍ଟ୍ରେଲିଆର ତାରକା ଉଇକେଟ୍ କିପର ବ୍ୟାଟ୍ସମ୍ୟାନ ମାଥ୍ୟୁ ଡେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଡେ ଗତ ତିନି ବର୍ଷ ଧରି ଅଷ୍ଟ୍ରେଲିଆର ଟେଷ୍ଟ ଏବଂ ଦିନିକିଆ। ଦଳରେ ସ୍ଥାନ ପାଇନଥିଲେ ସେ ଶେଷ ଥର ପାଇଁ ୨୦୨୧ରେ ଅଷ୍ଟ୍ରେଲିଆ। ପାଇଁ ଟେଷ୍ଟ ଏବଂ ଦିନିକିଆ। ଖେଳିଥିଲେ। ଡେ ମଧ୍ୟ ଟି -୨୦ ବିଶ୍ୱକପ ୨୦୨୪ରେ ଅଷ୍ଟ୍ରେଲିଆ। ଦଳର ଏକ ଅଂଶ ଥିଲେ। ସେ ଭାରତ ବିପକ୍ଷ ଟି -୨୦ ବିଶ୍ୱକପରେ ଶେଷ ମ୍ୟାଚ ଖେଳିଥିଲେ, ଯାହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ ବୋଲି ପ୍ରମାଣିତ ହୋଇଥିଲା।

# ରଣଜୀ ଟ୍ରଫି: ଓଡ଼ିଶାର ପ୍ରଥମ ପରାଜୟ

ଭୁବନେଶ୍ୱର, ୨୯।୧୦: ଚଳିତ ରଣଜୀ ଟ୍ରଫି ଋତୁରେ ଓଡ଼ିଶା ପ୍ରଥମ ପରାଜୟର ସାମ୍ନା କରିଛି। ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ବରୋଦାଠୁ ଏକ ପାଳି ଓ ୯୮ ରନ୍‌ରେ ଓଡ଼ିଶା ଲଜ୍ଜାଜନକ ଭାବେ ହାରିଯାଇଛି। ଫଳରେ ବରୋଦା ବିପକ୍ଷରେ ଓଡ଼ିଶା ଖାତା ଖୋଲିବାରେ ଅସମର୍ଥ ହୋଇଥିଲା। ବେଳେ ନବମ ମୁକାବିଲାରେ ଚତୁର୍ଥ ପରାଜୟ ବରଣ କରିଛି।ବରୋଦା ଏହି ମ୍ୟାଚ୍‌ରୁ ବୋନସ୍ ପଏଣ୍ଟ ପାଇବାରୁ ୩ ମ୍ୟାଚ୍ ସୁଦ୍ଧା ଦଳ ୧୯ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍ ଏର ଶୀର୍ଷରେ ରହିଛି।ଓଡ଼ିଶା (୪) ଷଷ୍ଠ ସ୍ଥାନକୁ ଖସିଆସିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ମୁମ୍ବାଇ ବିପକ୍ଷରେ ନଭେମ୍ବର ୬ ତାରିଖରୁ ଶରଦ ପାୱାର ଏକାଡେମି ପଡ଼ିଆରେ ଖେଳିବ।

ଓଡ଼ିଶାର ପ୍ରଥମ ପାଳି ସ୍କୋର ୧୯୩ କୁ ପଛରେ ପକାଇ ବରୋଦା ସୋମବାର ତୃତୀୟ ଦିନରେ ୪୫୬ ରନ୍ କରିଥିଲା। ଫଳରେ ଘରୋଇ ଦଳ ୨୬୩ ରନ୍‌ର ବଡ଼ଅଗ୍ରଣୀ ପାଇଥିଲା। ଅଧିନାୟକ କ୍ରୁନାଲ ପାଣ୍ଡ୍ୟା ତୃତୀୟ ପ୍ରଥମ ଶ୍ରେଣୀ ଶତକ ଅର୍ଜନ କରିବା ସହିତ ୧୧୯ ରନ୍ କରିଥିଲେ। ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର କ୍ରୁନାଲ୍‌ଙ୍କୁ ଆଉଟ୍ କରି ଦ୍ୱିତୀୟ ୫ ୱିକେଟ୍ ସଫଳତା ପାଇଥିଲେ। ଦ୍ୱିତୀୟ ପାଳି ଆରମ୍ଭରୁ ଓଡ଼ିଶା ସଂଘର୍ଷ କରିଥିଲା ଏବଂ ନିୟମିତ ଭାବେ କେଟ୍ ହରାଇ

୧୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ଶାନ୍ତନୁ ମିଶ୍ର ଖାତା ଖୋଲିବା ଆଗରୁ ଆଉଟ୍ ହୋଇଥିଲା ବେଳେ ଦୁଇ ବରିଷ୍ଠ ଖେଳାଳି ଗୋବିନ୍ଦ (୫) ଓ ବିପ୍ଳବ ସାମନ୍ତରାୟ (୧) ଏକ ଅଙ୍କରେ ରହିଯାଇଥିଲେ। ଅନୁରାଗ ଷଡ଼ଙ୍ଗୀ (୪୯) ଓ ସନ୍ଦୀପ ପଟ୍ଟନାୟକ (୨୯) ଦ୍ୱିତୀୟ ୱିକେଟ୍‌ରେ ୫୮ ରନ୍‌ର ଭାଗୀଦାରି ଗଢ଼ିଥିଲେ ମଧ୍ୟ ଏହା ବିଶେଷ ଫରକ ପକାଇନଥିଲା। ନିୟମିତ ଭାବେ ୱିକେଟ୍ ଖସୁଥିବା ସମୟରେ ମଧ୍ୟକ୍ରମରେ କାର୍ତ୍ତିକ ବିଶ୍ୱାଳ ଦ୍ରୁତ ଖେଳି ୨୬ ବଲ୍‌ରୁ ୧୧ ଚେକା ଓ ୧ ଛକା ସହାୟତାରେ ୫୩ ରନ୍ ସଂଗ୍ରହ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିଲେ। ଘରୋଇ ଦଳର ନିନାଦ ରଠା ୬ ୱିକେଟ୍ ନେଇଥିଲେ। ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି: ୧୯୩/୧୦ (ବିପ୍ଳବ ସାମନ୍ତରାୟ-୫୮, ମହେଶ ପିଠିୟା-୫/୬୧) ବରୋଦା ପ୍ରଥମ ପାଳି: ୧୨୮.୪ ଓଭରରେ ୪୫୬/୧୦ (କ୍ରୁନାଲ ପାଣ୍ଡ୍ୟା-୧୧୯, ବିଷ୍ଣୁ ସୋଲାଙ୍କି-୯୮, ଶିବାଳିକ ଶର୍ମା-୯୬, ଗୋବିନ୍ଦ ପୋଦ୍ଦାର-୫/୧୩୧, ସୁନୀଲ ରାଉଳ-୨/୯୨, ହର୍ଷିତ ରାଥୋଡ଼-୧/୩୪, କାର୍ତ୍ତିକ ବିଶ୍ୱାଳ-୧/୪୧, ସୁମିତ ଶର୍ମା-୧/୭୫) ଓଡ଼ିଶା ଦ୍ୱିତୀୟ ପାଳି: ୩୪ ଓଭରରେ ୧୬୫/୧୦ (କାର୍ତ୍ତିକ ବିଶ୍ୱାଳ-୫୩, ଅନୁରାଗ ଷଡ଼ଙ୍ଗୀ-୪୯, ନିନାଦ ରଠା-୬/୬୦, ଭାର୍ଗବ ଭଟ୍ଟ-୨/୩୮, ମହେଶ ପିଠିୟା-୨/୬୨)।

# ମୟଙ୍କ ଯାଦବ ପୁଣି ଆହତ

ନୂଆଦିଲ୍ଲୀ, ୨୯।୧୦: ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଓ ଦକ୍ଷିଣ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଭାରତୀୟ ସ୍କ୍ୱାଡ୍ ଘୋଷଣା କରିଥିଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ତେବେ ଦ୍ରୁତ ବୋଲିଂର କିଙ୍ଗ କୁହାଯାଉଥିବା ଭାରତୀୟ ପେସର ମୟଙ୍କ ଯାଦବଙ୍କୁ ଏହି ଦୁଇ ସିରିଜ ପାଇଁ ଚୟନ କରାଯାଇନାହିଁ।

ଆହତ ଜନିତ ସମସ୍ୟା କାରଣରୁ ମୟଙ୍କ ଆଗାମୀ କିଛି ମାସ ପାଇଁ ଦଳରୁ ଦୂରେଇ ରହିବେ ମୟଙ୍କ ଟିମରୁ ବାଦ୍ ପଡ଼ିବା ଭାରତୀୟ କ୍ରିକେଟ୍ ଟିମ୍ ପାଇଁ ଏକ ବଡ଼ ଝଟକା।

ଏକ ରିପୋର୍ଟ ମୁତାବକ, ୨୨ ବର୍ଷୀୟ ମୟଙ୍କ ରଣଜୀ ଟ୍ରଫିର ଚତୁର୍ଥ କି ପଞ୍ଚମ ରାଉଣ୍ଡ ଖେଳିବେ, ମାତ୍ର ସେ ରିକଭରି ହେବା ନେଇ ସଂଶୟ ସୃଷ୍ଟି ହୋଇଛି। ସେ ଅଷ୍ଟ୍ରେଲିଆ ସିରିଜରେ ରିଜର୍ଭ ପେସର ଭାବେ ମଧ୍ୟ ଟିମରେ ସ୍ଥାନ ବଜାୟ ରଖିପାରି ନଥିଲେ। ଫିଟିରେ ପୁଣି ଥରେ ସମସ୍ୟା ଦେଖା ଦେଇଥିବା ଜଣାପଡ଼ିଛି। ଏହା ଷ୍ଟ୍ରେସ ଫ୍ରାକଚର ମାମଲା ହୋଇପାରେ ନ୍ୟାସନାଲ କ୍ରିକେଟ ଏକାଡେମୀ (ଏନସିଏ) ମୁତାବକ, ମୟଙ୍କ ରଣଜୀ ଖେଳିବା ମୁସ୍କିଲ ହୋଇପାରେ। ମୟଙ୍କକୁ ଖେଳିବାକୁ ଟିମ୍ ମ୍ୟାନେଜମେଣ୍ଟ ମନା କରିଥିବା ତାଙ୍କର ବ୍ୟକ୍ତିଗତ କୋଚ ଦେବେନ୍ଦ୍ର ଶର୍ମା କହିଛନ୍ତି। ଏପରି ସ୍ଥିତିରେ ଆଗାମୀ ଫେବୃଆରୀରେ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦିନିକିଆ। ସିରିଜରେ ମୟଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଅର୍ଥାତ ଆହତ କାରଣରୁ ଆଗାମୀ ୩ ମାସ ଧରି ମୟଙ୍କ ଦଳରୁ ଦୂରେଇ ରହିବେ।

# ସାମିଙ୍କ ପାଇଁ ଏବେବି ରହିଛି ସୁଯୋଗ

ନୂଆଦିଲ୍ଲୀ, ୨୯।୧୦: ଆଇସିସି ବିଶ୍ୱକପ୍ ୨୦୨୩ ଫାଇନାଲ୍ ମ୍ୟାଚ୍ ପରଠୁ ଶାମି କ୍ରିକେଟ୍‌ରୁ ଦୂରରେ ଅଛନ୍ତି। ତେବେ ନିକଟରେ ତାଙ୍କୁ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀ(ଏନସିଏ)ରେ ସହାୟକ କୋଚ୍ ଅଭିଷେକ ନାୟରଙ୍କ ତତ୍ତ୍ୱାବଧାନରେ ବୋଲିଂ କରୁଥିବା ଦେଖିବାକୁ ମିଳିଥିଲା। ଆଶା କରାଯାଉଥିଲା ବର୍ଡର-ଗାଭାସ୍କର ଟ୍ରଫିରେ ସେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ସେ ସଂପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଦଳ ସହ ଯିବେ ନାହିଁ। ତେବେ ଏହା ମଧ୍ୟରେ ଏମିତି ରିପୋର୍ଟ ଆସିଛି। ଯେଉଁଥିରେ ଦାବି କରାଯାଇଛି ଯେ, ଶାମି ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍‌ରେ ଦଳର ଚୂଡ଼ାନ୍ତ ଏକାଦଶକୁ ଫେରି ପାରନ୍ତି। କ୍ରିକେଟ୍ ଆଡିଜ୍ଜରର ଖବର ଅନୁଯାୟୀ, ରଣଜୀ ଟ୍ରଫି ୨୦୨୪ରେ ଶାମି ଦୁଇଟି ମ୍ୟାଚ୍ ଖେଳି ପାରନ୍ତି। ଏହା ପରେ ସେ ସିଧାସଳଖ ଅଷ୍ଟ୍ରେଲିଆ। ଅଭିମୁଖେ ଯାତ୍ରା କରି ପାରନ୍ତି। ପଶ୍ଚିମବଙ୍ଗ ପକ୍ଷରୁ ଶାମି କର୍ଣ୍ଣାଟକ ଓ ମଧ୍ୟ ପ୍ରଦେଶ ବିପକ୍ଷରେ ରଣଜୀ ମ୍ୟାଚ୍ ଖେଳି ପାରନ୍ତି। ଏହି ମ୍ୟାଚ୍ କ୍ରମଶଃ ନଭେମ୍ବର ୬ ଓ ନଭେମ୍ବର ୧୩ ତାରିଖ ଖେଳାଯିବ ଯଦି ଏହି ଦୁଇଟି ମ୍ୟାଚ୍‌ରେ ଶାମି ସଂପୂର୍ଣ୍ଣ ଫିଟ୍ ରୁହନ୍ତି ତେବେ ସେ ସିଧାସଳଖ ଅଷ୍ଟ୍ରେଲିଆ ଯାତ୍ରା କରି ପାରନ୍ତି। ଏହା ପୂର୍ବରୁ ମହମ୍ମଦ ଶାମି ପ୍ରଶଂସକ ଓ ବିସିସିଆଇକୁ କ୍ଷମା ମାଗିଥିଲେ। କାରଣ ବୋର୍ଡ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଶାମିଙ୍କୁ ତରବରିଆ ଭାବେ ସାମିଲ କରିବାକୁ ଚାହୁଁ ନ ଥିଲା। କାରଣ ସେ ଏ ପର୍ଯ୍ୟନ୍ତ ମ୍ୟାଚ୍ ପାଇଁ ଫିଟନେସ୍ ହାସଲ କରି ପାରି ନାହାନ୍ତି।

# ବଡ଼ ରେକର୍ଡ ଭାଙ୍ଗିବା ଅପେକ୍ଷାରେ ଜୈସାଲ

ନୂଆଦିଲ୍ଲୀ, ୨୯।୧୦: ଦୀର୍ଘ ୧୨ ବର୍ଷ ପରେ ଭାରତୀୟ ଟିମ ଆଜି ନ୍ୟୁଜିଲ୍ୟାଣ୍ଡ ଠାରୁ ଘରୋଇମାଟିରେ କୌଣସି ଟେଷ୍ଟ ସିରିଜ ହାରିଛି ଭାରତ ପୁଣେରେ ଆୟୋଜିତ ଦ୍ୱିତୀୟ ଟେଷ୍ଟକୁ ୧୧୩ ରନରେ ହାରିଥିଲେ ହେଁ ଯଶସ୍ୱୀ ଜୈସାଲ ଏକମାତ୍ର ବ୍ୟାଟର ଭାବେ ଅର୍ଦ୍ଧଶତକ ହାସଲ କରିଛନ୍ତି।

ମ୍ୟାଚ୍ ଜିତିବା ପାଇଁ ୩୫୯ ରନର ଟାର୍ଗେଟକୁ ପିଛା କରୁଥିବା ଭାରତକୁ ଜୈସାଲ ଦମଦାର ଆରମ୍ଭ ଦେଇଥିଲେ। ସେ ୬୫ ବଲରେ ୭୭ ରନର ଇନିଂସ ଖେଳିଛନ୍ତି।ଏହି ଇନିଂସରେ ସେ ୯ଟି ଚୌକା ଓ ୩ଟି ଛକା ମାରିଥିଲେ। ଏହି ଇନିଂସ ବଳରେ ସେ ପ୍ରଥମ ଭାରତୀୟ ଭାବେ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି।

ଭାରତୀୟ ଟେଷ୍ଟ କ୍ରିକେଟର ୯୨ ବର